

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 JANUARY 2025

Vol.No. 36 ■ No.04 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା

## ରିଲିଫ୍ କୋଡ୍ ଆଧାରରେ ୬.୬୬ଲକ୍ଷ ଚାଷୀଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର, ୩/୧(ନି.ପ୍ର) : ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ରାଜ୍ୟ ପ୍ରାକୃତିକ ଦୁର୍ବିପାକ ଭାବେ ଘୋଷଣା କରିଛନ୍ତି । ଗତମାସରେ ଅଦିନିଆ ବର୍ଷରେ ବ୍ୟାପକ ଫସଲ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହି ନିଷ୍ପତ୍ତି ଫଳରେ ରାଜ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ୧୬ଟି ଜିଲ୍ଲାର ପ୍ରାୟ ୬ଲକ୍ଷ ୬୬ହଜାର ୭୨୦ଜଣ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ 'କୃଷି ଓଡ଼ିଶା କନକ୍ଲେଭ-୨୦୨୫'କୁ ଉଦଘାଟନ କରି କହିଛନ୍ତି ଯେ, ଗତମାସରେ ଅଦିନିଆ ବର୍ଷାରେ ଯେଉଁ ଚାଷୀମାନଙ୍କର ୩୩ପ୍ରତିଶତରୁ ଅଧିକ ଫସଲ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ରାଜ୍ୟ ସରକାରଙ୍କ ରିଲିଫ କୋଡ୍ ପ୍ରାବଧାନ ଆଧାରରେ ସହାୟତା ପ୍ରଦାନ କରାଯିବ । ଏଥିପାଇଁ ରାଜ୍ୟ



ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ୨୯୧କୋଟି ୫୯ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଜିଲ୍ଲାପାଳମାନଙ୍କ ରିପୋର୍ଟ ଅନୁସାରେ ଗତ ଡିସେମ୍ବର ୨୦ରୁ ୨୮ତାରିଖ ମଧ୍ୟରେ ହୋଇଥିବା ଅଦିନିଆ ବର୍ଷାରେ ୧୬ଟି ଜିଲ୍ଲାର ୬ଲକ୍ଷ ୬୬ହଜାର ୭୨୦ଜଣ ଚାଷୀଙ୍କର ୨ଲକ୍ଷ ୨୬ହଜାର ୭୯୧ ହେକ୍ଟର ଚାଷଜମିରେ ୩୩ ପ୍ରତିଶତରୁ

▶▶ପୃଷ୍ଠା ୭

## 'ସୁଭଦ୍ରା'କୁ ନେଇ କ୍ୟାବିନେଟ୍‌ରେ ବଡ଼ ନିଷ୍ପତ୍ତି: ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କଲେ ମିଳିବ ୨ଟି କିସ୍ତି





ଭୁବନେଶ୍ୱର, ୩/୧(ନି.ପ୍ର) : ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା 'ସୁଭଦ୍ରା' ଆବେଦନ କଲେ ବି ୨୦୨୪ରେ ବାକିଥିବା ୨ଟି କିସ୍ତି ମିଳିବ ଆବେଦନକାରୀ ମହିଳାଙ୍କୁ। ଆଜି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । କହିଛନ୍ତି, ୨୦୨୪-୨୦୨୫ ପାଇଁ ଆବେଦନର ଶେଷ ତାରିଖ ରହିଛି ଆସନ୍ତା ମାର୍ଚ୍ଚ ୩୧ ତାରିଖ। ତା'ଭିତରେ ଯେଉଁମାନେ ବି ଆବେଦନ କରିବେ, ସମସ୍ତଙ୍କୁ ୨ଟି କିସ୍ତି ପ୍ରଦାନ କରାଯିବ ବୋଲି ଆଜି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ମଧୁବାବୁ ଭତ୍ତା ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧିନରେ ୮୦ ବର୍ଷ କିମ୍ବା ତା'ଠୁ ବୟସ୍କ ଭତ୍ତା ହିତାଧିକାରୀ ଏବଂ ଶତକଡ଼ା ୮୦ ପ୍ରତିଶତ କିମ୍ବା ତା'ଠୁ ଅଧିକ ଭିନ୍ନକ୍ଷମ ଥିବା ହିତାଧିକାରୀଙ୍କ ଭତ୍ତା ରାଶି ୩ ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଚଳିତ ମାସରୁ ହିଁ ଲାଗୁ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।

▶▶ପୃଷ୍ଠା ୭

## ଏନକାଉଣ୍ଟରରେ ୩ ନକ୍ସଲ ନିହତ



ନୂଆପଡ଼ା, ୩/୧ (ନି.ପ୍ର): ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ଟଳିଲେ ୩ ନକ୍ସଲ। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲାରେ ସୋରନାମାଲ୍ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ସୋରନାମାଲ୍ ଜଙ୍ଗଲରେ ମାଓବାଦୀ ଥିବା ସୂଚନା ମିଳିଥିଲା। ଏହା ପରେ ଛତିଶଗଡ଼ ଓ ଓଡ଼ିଶାର ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଛତିଶଗଡ଼ର ଇ-୩୦ ଫୋର୍ସ, ଯଙ୍ଗ ପ୍ଲାଟୁନ, ସିଆରପିଏଫ ଓ ନୂଆପଡ଼ାର ଏସଓଜି ସାମିଲ ଥିଲେ। ଆଜି ସକାଳେ ସର୍ଚ୍ଚ ଅପରେସନ ବେଳେ ନକ୍ସଲଙ୍କ ସହିତ ସୁରକ୍ଷାକର୍ମୀଙ୍କର ମୁହାଁମୁହିଁ ହୋଇଥିଲା। ଅନେକ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ନକ୍ସଲଙ୍କ ମୃତ୍ୟୁ ଘଟିଛି।

## ମାନାପୁରମ୍ ଫାଇନାନ୍ସ କମ୍ପାନୀରେ ସଶସ୍ତ୍ର ଡକାୟତି: ୩୦ କେଜି ସୁନା ଧରି ଚମ୍ପଟ ମାରିଲେ ଲୁଟେରା

ସମ୍ବଲପୁର, ୩/୧(ନି.ପ୍ର) : ନାଥିଲେ ସୁରକ୍ଷାକର୍ମୀ, ନା ବାଜିଲା ସାଇରନ୍ । ସ୍ପଷ୍ଟ ଦିବାଲୋକରେ ବେଧଡ଼କ ପଶିଲେ ଡକାୟତ । ପୋଛିନେଲେ ୨୦ କୋଟିର ୩୦ କେଜି ସୁନା । ଗଲାବେଳେ ନଗଦ ୩ ଲକ୍ଷ ଟଙ୍କା ବି ନେଇଗଲେ ୫ ଜଣିଆ ଡକାୟତି ଗ୍ୟାଙ୍ଗ । ଉପସ୍ଥିତ କର୍ମଚାରୀଙ୍କୁ ମାଡ଼ ମାରିଲେ, ହାତଗୋଡ଼ି ବାନ୍ଧି ଏଭଳି ଲୁଟ୍ କଲେ । ସମ୍ବଲପୁରରେ ମଣପୁରମ୍ ଫାଇନାନ୍ସ ଅଫିସରେ ଏଭଳି ଆତଙ୍କରାଜ ସହ ଲୁଟପାଟକୁ



ନେଇ ଚାରିଆଡ଼େ ହଇଚଇ। ପୂର୍ବରୁ ଏହି ଅଞ୍ଚଳରେ ଥିବା ମୁଥୁଟ୍ ଫାଇନାନ୍ସ ସଂସ୍ଥାରୁ ମଧ୍ୟ ସମାନ ଧରଣର ଡକାୟତି ହୋଇଥିଲା । ମଣପୁରମ୍ ଫାଇନାନ୍ସ କମ୍ପାନୀରେ ସଶସ୍ତ୍ର ଡକାୟତି। ଡକାୟତ ବୋହିନେଲେ ୨୦ କୋଟିର ୩୦ କେଜି ସୁନା ।

▶▶ପୃଷ୍ଠା ୭

## ୫ ପରେ କମିବ ଶୀତ !



ଭୁବନେଶ୍ୱର, ୩/୧(ନି.ପ୍ର) : କିଛି ଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଶୀତ ଫେରିଥିବା ବେଳେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ଏମିତି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହାର ଏକ୍ସରେ କରାଯାଇଥିବା ପୋଷ୍ଟରେ କୁହାଯାଇଛି ଯେ ଆଗାମୀ ୨ ଦିନ ପାଇଁ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

▶▶ପୃଷ୍ଠା ୭

## ଆଳୁ କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୩/୧ (ନି.ପ୍ର): ଆଳୁ କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ସେ କହିଛନ୍ତି ଯେ, ବଜାରରେ ଏବେବି କିଛି ବ୍ୟବସାୟୀ ଆଳୁ ଚଢା ଦରରେ ବିକ୍ରୀ କରୁଛନ୍ତି । ସେମାନଙ୍କ ଉପରେ କୋଠାର ଏ୍ୱଂ ଆଇନଗତ କାର୍ଯ୍ୟନୁଷ୍ଠାନ ନିଆଯିବ। ବିଭାଗୀୟ ଅଧିକାରୀଙ୍କୁ ସେମାନଙ୍କ ଉପରେ ଚଢ଼ାଉ କରିବା ସହ ମୋଟ ଆଙ୍କର ଫାଇନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ।

## ଶପଥ ନେଲେ ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି

ଭୁବନେଶ୍ୱର, ୩/୧(ନି.ପ୍ର) : ଆଜି ଶପଥ ନେଲେ ଓଡ଼ିଶାର ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି। ଶପଥ ପାଠ କରାଇଲେ ହାଇକୋର୍ଟ ମୁଖ୍ୟ ବିଚାରପତି । ଗତ ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବରେ ତାଙ୍କୁ ନିଯୁକ୍ତି ମିଳିଥିଲା। ଗତ ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବରେ ତାଙ୍କୁ ନିଯୁକ୍ତି ମିଳିଥିଲା। ଗତକାଲି ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ମଣ୍ଡଳର ସଦସ୍ୟ।



ଭୁବନେଶ୍ୱରରୁ ସେ ପୁରୀ ଯାଇଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଥିଲେ ଡକ୍ଟର ହରିବାବୁ ଓ ତାଙ୍କ ପରିବାର। ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି ନୂଆ ରାଜ୍ୟପାଳ। ଗତକାଲି ପୁରୀ ରାଜଭବନରେ ରାତ୍ରିଯାପନ ପରେ ଆଜି ଭୁବନେଶ୍ୱର ଫେରି ରାଜଭବନରେ ଶପଥ ଗ୍ରହଣ କରିଛନ୍ତି । ଆନ୍ଧ୍ରପ୍ରଦେଶ ବାସିନ୍ଦା ହରିବାବୁ କମ୍ଭମପତି ଦକ୍ଷିଣ ରାଜ୍ୟରେ ଜଣେ ଟାଣୁଆ ରାଜନେତା। ୨୦୧୪ରେ ବିଶାଖାପାଟଣା ଲୋକସଭାରୁ ସାଂସଦ ଥିଲେ।

▶▶ପୃଷ୍ଠା ୭

## ଲଦାଖକୁ ପୁଣି ନିଜର କହିଲା ଚାଇନା: ଜୋରଦାର ବିରୋଧ କଲା ଭାରତ

ନୂଆଦିଲ୍ଲୀ, ୩/୧ : ପୁଣିଥରେ ନୂଆ ଭେଳିକି ଦେଖାଇଛି ଚାଇନା। ଭାରତର କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ନିଜର କହିଛି ବେଜିଂ। ଚାଇନା ପକ୍ଷରୁ ଦୁଇଟି କାଉଣ୍ଟୀ ପ୍ରତିଷ୍ଠା କରାଯାଉଛି। ଏହାର କିଛି ଅଂଶ ଲଦାଖ ମଧ୍ୟରେ ଆସୁଛି। ଚାଇନାର ଏପରି ପଦକ୍ଷେପକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଇଛି। ଭାରତ ସରକାର ଏନେଇ କୂଟନୀତିକ ସ୍ତରରେ ଚାଇନା ନିକଟରେ ଅଭିଯୋଗ କରିଥିବା ବୈଦେଶିକ ବ୍ୟାପାର



ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୨୭ରେ ଚାଇନାର ସରକାରୀ ଗଣମାଧ୍ୟମ କହିଥିଲା ଯେ ଉତ୍ତରପଶ୍ଚିମ ଚାଇନାର ଜିନଜିଆଙ୍ଗ ଉଇଗୁର ସ୍ୱଂୟ ଶାସିତ ରିଜନର ସରକାର ଉକ୍ତ ଅଞ୍ଚଳରେ ଦୁଇଟି କାଉଣ୍ଟୀ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ହେନ କାଉଣ୍ଟୀ ଓ ହେକାଙ୍ଗ କାଉଣ୍ଟୀ ପ୍ରତିଷ୍ଠା ହେବ। ଚାଇନାର ସେଣ୍ଟ୍ରାଲ କମିଟି ଓ ରାଜ୍ୟ ପରିଷଦ ଏହି ଦୁଇ କାଉଣ୍ଟୀକୁ ଅନୁମତି ଦେଇଛି। ଏହାକୁ ହୋଟାନ ପ୍ରିଫେକଚର ଦ୍ୱାରା ପରିଚାଳନା କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ତଥାକଥିତ

▶▶ପୃଷ୍ଠା ୭

## ଚାଇନାର ନୂଆ ଭାଇରସକୁ ନେଇ ଆତଙ୍କିତ ହୁଅନ୍ତୁନି: ସ୍ୱାସ୍ଥ୍ୟ ବିଭାଗ

ନୂଆଦିଲ୍ଲୀ, ୩/୧ : କୋରନା ଭଳି ଚୀନରେ ଦ୍ରୁତ ଗତିରେ ବ୍ୟାପୁଥିବା ଆଉ ଏକ ନୂଆ ଭୂତାଣୁ 'ହ୍ୟୁମାନ ମେଟାନ୍ୟୁମୋଭାଇରସ' ବା ଐଗଚଠକୁ ନେଇ ଏବେ ସମ୍ଭାବ୍ୟ ମହାମାରୀ ଆଶଙ୍କାରେ ସାରା ବିଶ୍ୱ। ଏପଟେ ଭାରତରେ କିନ୍ତୁ ଲୋକଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଭାରତୀୟ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଅଧିକାରୀ ଅତୁଲ ଗୋଏଲ ଏନେଇ ଲୋକଙ୍କୁ ସଚେତନ କରିଛନ୍ତି। ଶ୍ୱାସଜନିତ କୌଣସି ସଂକ୍ରମଣକୁ ଏଡ଼ାଇବା ପାଇଁ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ



ଆପଣାଇବାକୁ ସେ କହିଛନ୍ତି। ଭାଇରସ୍ ଏଚଏମପିଭି ପାଇଁ କୌଣସି ସ୍ୱତନ୍ତ୍ର ଚିକିତ୍ସା ନଥିବାରୁ କେବଳ ସତର୍କତାରେ ହିଁ ଆମେ ଏହାକୁ ରୋକି ପାରିବା ବୋଲି ସେ କହିଛନ୍ତି। ହେଲେ ଏହାକୁ ନେଇ ବର୍ତ୍ତମାନର ପରିସ୍ଥିତି ବିଷୟରେ ଚିନ୍ତିତ ହେବାର କିଛି ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଅତୁଲ ଗୋଏଲ କହିଛନ୍ତି ଯେ ଚୀନରେ

▶▶ପୃଷ୍ଠା ୭

## କାହା ସୁରକ୍ଷାରେ ଅଛନ୍ତି ପାଣ୍ଡିଆନଙ୍କ ଅଫିସର ଟିମ୍, କାହିଁକି ବଦଳୁନି ବିଭାଗ: ସିଏମଓରେ ୬ମାସ ତିଷ୍ଠି ପାରିଲେନି ଡାକୁଆ

ଭୁବନେଶ୍ୱର, ୩/୧(ନି.ପ୍ର) : ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ୭ମାସ ପୂରଣ କରିବାକୁ ଯାଉଛି । ତଥାପି ବିଜେଡି ସରକାରର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅଫିସର ଟିମ୍ ନିଜ ନିଜର କୁର୍ସି ମାଡ଼ି ବସି ରହିଛନ୍ତି । ନା ସେମାନଙ୍କ ବିଭାଗ ବଦଳୁଛି, ନା ପାଣ୍ଡିଆନ ଶାସନରେ ରାତାରାତି ଘୋଷଣା ହେଉଥିବା ଯୋଜନା ଓ ତା'ର କାର୍ଯ୍ୟକାରିତାରେ ହୋଇଥିବା ଅନିୟମିତତାର ତଥ୍ୟ ପଦାକୁ ଆସିପାରୁଛି । ପାଣ୍ଡିଆନ ସିଣ୍ଡ୍ରୋମରେ କବଳିତ ଏହି ଅଫିସରମାନଙ୍କ ବିଭାଗ ବଦଳିବା ପାଇଁ କିଏ କେଉଁଠି ବାଟ ଓଗାଳୁଛି ତାକୁ ନେଇ ସସପେନ୍ସ ଲାଗି ରହିଛି । ଏପଟେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବା ୨୦୧୧ ବ୍ୟାଚ୍ ଓଡ଼ିଆ ଆଇଏଏସ୍ ଅରିନ୍ଦମ ଡାକୁଆ ୬ମାସ ବି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରେ ତିଷ୍ଠି ପାରିଲେ ନାହିଁ। ଶ୍ରୀ ଡାକୁଆଙ୍କୁ କାହିଁକି ବଦଳି କରାଗଲା ଓ ତାଙ୍କ ବଦଳି ପଛରେ କେଉଁ ଅଦୃଶ୍ୟ କାରଣ ରହିଛି ତାକୁ ନେଇ ନାନାଦି ଚର୍ଚ୍ଚା ଲାଗି ରହିଛି । ସୂଚନା ଅନୁସାରେ, ୨୦୧୧ ବ୍ୟାଚ୍ ଆଇଏଏସ୍ ଶ୍ରୀ ଡାକୁଆ ଆଜି ରାଜ୍ୟ ପୌର ପ୍ରଶାସନର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କୁ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପଦରୁ ହଟାଇ ଦିଆଯାଇଥିଲା । ଶ୍ରୀ ଡାକୁଆଙ୍କ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଆଇଏଏସ୍ ମନୋଜ ସାହୁ ଓ ଅନୁପମ ଶାହଙ୍କ ମଧ୍ୟରୁ ଜଣଙ୍କୁ ଆନୁଷ୍ଠାନିକ ଦାୟିତ୍ୱ ମିଳିପାରେ ବୋଲି ଜଣାପଡ଼ିଛି । ତେବେ ଶ୍ରୀ ଡାକୁଆଙ୍କୁ କାହିଁକି ଅଚାନକ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ(ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ)ରୁ ହଟାଇ ଦିଆଗଲା ତାକୁ ନେଇ ପାୱାର କରିଡରରେ ନାନାଦି ଚର୍ଚ୍ଚା ଲାଗି ରହିଛି । ଗତକାଲି ତାଙ୍କ ବଦଳି ବିଜ୍ଞପ୍ତି ପ୍ରକାଶ ପାଇବା ପରେ କିଛି ସମୟ ପାଇଁ ଦ୍ୱନ୍ଦ୍ୱ ମଧ୍ୟ ଲାଗି ରହିଥିଲା । ଅନ୍ୟପକ୍ଷରେ, ବିଜେଡି ଶାସନ କାଳରେ ପାଣ୍ଡିଆନଙ୍କ ଖାସ୍ ଅଫିସର ଭାବେ ପରିଚିତ ଥିବା ଅଧ ଡଜନରୁ ଅଧିକ ଆଇଏଏସ୍ ଏବେବି ନିଜର ପୁରୁଣା ଗାଦି ମାଡ଼ିବସି ରହିଛନ୍ତି । ଯେ ହେଉଛନ୍ତି ସେହି ଆଇଏଏସ୍ ଅଫିସରମାନେ ଯାହାଙ୍କ ସହଯୋଗରେ ପାଣ୍ଡିଆନ ନିର୍ବାଚନକୁ ଆଖିରେ ରଖି ରାତାରାତି ଯୋଜନା ଘୋଷଣା ସହ କାର୍ଯ୍ୟକାରୀ କରିବାକୁ ମଧ୍ୟ ସକ୍ଷମ ହେଉଥିଲେ । ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ,ଉଚ୍ଚଶିକ୍ଷା ଓ କୃଷି ଭଳି ବିଭାଗର ଦାୟିତ୍ୱରେ ଥିବା ଆଇଏଏସ୍ ଅଫିସରମାନେ ବିଜେଡି ଶାସନକାଳରେ ଯେଭଳି ପାୱାରଫୁଲ୍ ଥିଲେ ଏବେବି ସମାନ ସୁବିଧା ଓ ଇକୋସିଷ୍ଟମରେ ରହିଛନ୍ତି । ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତ କରି ଜଳସମ୍ପଦ ପ୍ରକଳ୍ପଗୁଡ଼ିକର ସମୀକ୍ଷା ସହ କୋଟିକୋଟି ଟଙ୍କା ପ୍ରକଳ୍ପର ମଞ୍ଜୁରୀ ଘୋଷଣା କରୁଥିଲେ ।

▶▶ପୃଷ୍ଠା ୭

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କ୍ରୀଡା ଉତ୍କର୍ଷତା ନିମନ୍ତେ କ୍ରୀଡା ଭିତ୍ତିଭୂମିରେ ଉନ୍ନତିକରଣ



ରାଉରକେଲା, ୩/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା କ୍ରୀଡ଼ା ସଂସ୍କୃତିର ପ୍ରୋତ୍ସାହନ, ସ୍ଥାନୀୟ ପ୍ରତିଭାଙ୍କ ପ୍ରତିପୋଷଣ ଏବଂ କ୍ରୀଡାବିତଙ୍କୁ ପ୍ରଭାବଶାଳୀ ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତାମୂଳକ ପ୍ରସ୍ତୁତି ପାଇଁ ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଯୋଗାଇବା ଉଦ୍ଦେଶ୍ୟରେ ବର୍ଦ୍ଧିତ ସୁବିଧା ଏବଂ ଆବଶ୍ୟକୀୟ ନବୀକରଣ ସହିତ ଏହାର କ୍ରିଡା ଭିତ୍ତିଭୂମିର ଉନ୍ନତିକରଣ କରିଛି।

ନବୀକୃତ କ୍ରୀଡା ସୁବିଧାଗୁଡ଼ିକ ମଧ୍ୟରେ ଏକ ଆଧୁନିକୀକୃତ ବ୍ୟାଡମିଣ୍ଟନ୍ କୋର୍ଟ, ଏକ ନୂତନ ନିର୍ମିତ ଟେବୁଲ୍ ଟେନିସ୍ ହଲ୍ ଏବଂ ଭଲିବଲ୍ କୋର୍ଟ ଅନ୍ତର୍ଭୁକ୍ତ। ଆରଏସପିର କ୍ରୀଡା ଭିତ୍ତିଭୂମିରେ ଉନ୍ନତି ସାଧନ ଏବଂ ବିଶ୍ୱ ସ୍ତରୀୟ ମନୋରଞ୍ଜନ ସୁବିଧା ଯୋଗାଇବା ପାଇଁ ସେକ୍ଟର-୨୦ ର ଇନଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ କୋର୍ଟକୁ ୨୬ ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ କରାଯାଇଛି । ମରାମତି କାର ?ୟରେ କ୍ଷତିଗ୍ରସ୍ତ କାଠ ଚଟାଣର ପୁନରୁଦ୍ଧାର ଏବଂ ନୂତନ ବ୍ୟାଡମିଣ୍ଟନ୍ ପୋଲ୍, ନେଟ ଏବଂ ପିଭିସି ମ୍ୟାଟ୍ ସହିତ ତିନୋଟି କୋର୍ଟର ସ୍ଥାପନ ଅନ୍ତର୍ଭୁକ୍ତ ରହିଛି । ଏହା ସହିତ, ଶୌଚାଳୟ ସୁବିଧାର ମଧ୍ୟ ନବୀକରଣ କରାଯାଇଛି ତଥା ଦର୍ଶକ ଗ୍ୟାଲେରୀକୁ ଗ୍ରାନାଇଟ୍ ଫିନିଶ୍ ସହିତ ପୁନଃନିର୍ମାଣ କରାଯାଇଛି ଏବଂ ସୁଦୃଶ୍ୟ ଆଲୋକମାଳା ପାଇଁ ଆଣ୍ଟି-ଗ୍ଲେର୍ ଲାଇଟ୍ ମଧ୍ୟ ଲଗାଯାଇଛି।

ସେହିଭଳି ଉକ୍ତ କ୍ରୀଡା କମ୍ପ୍ଲେକ୍ସରେ ୫୦.୧୩ ଲକ୍ଷ ଟଙ୍କା ବିନିଯୋଗରେ ଏକ ଉତ୍ସର୍ଗୀକୃତ ଟେବୁଲ୍ ଟେନିସ୍ ହଲ୍ ନିର୍ମାଣ କରାଯାଇଛି। ଏହି ନୂତନ ସୁବିଧାରେ ତିନୋଟି ଟିଟି କୋର୍ଟ ସମେତ ଆଣ୍ଟି-ଗ୍ଲେର୍ ଆଲୋକ, ପୃଥକ ଶୌଚାଳୟ ଏବଂ ଖେଳାଳିଙ୍କ ପାଇଁ ପରିବର୍ତ୍ତନ ପ୍ରକୋଷ୍ଠ ଅନ୍ତର୍ଭୁକ୍ତ ରହିଛି। ପୂର୍ବରୁ, ଟେବୁଲ୍ ଟେନିସ୍ ଏବଂ ବ୍ୟାଡମିଣ୍ଟନ୍ ଏକ ସାଧାରଣ ସ୍ଥାନରେ ଖେଳାଯାଉଥିଲା ଯାହା ପ୍ରାୟତଃ ଉଭୟ ଖେଳରେ ବ୍ୟାଘାତ ସୃଷ୍ଟି କରୁଥିଲା। ନୂତନ ହଲ୍ ସହିତ, ଖେଳାଳିମାନେ ବର୍ତ୍ତମାନ ଏକ ସୁସଜ୍ଜିତ ପରିବେଶରେ ନିରବଚ୍ଛିନ୍ନ ଅଭ୍ୟାସ ଏବଂ ମ୍ୟାଚ୍ ଉପଭୋଗ କରିପାରିବେ। ସହର ଇଞ୍ଜିନିୟରିଂ ସିଭିଲ ସହାୟତାରେ ଇନଡୋର ଷ୍ଟାଡିୟମରେ ଏହି କାର୍ଯ୍ୟଗୁଡିକ ସମ୍ପାଦିତ ହୋଇଥିଲା।

ସେକ୍ଟର-୨ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଏନବିସିସି ଦ୍ୱାରା ଏକ ନୂତନ ଭଲିବଲ୍ କୋର୍ଟ ନିର୍ମାଣ କରାଯାଇଛି। ଦର୍ଶକଙ୍କ ପାଇଁ ବିସ୍ତୃତ ଆସନ ବ୍ୟବସ୍ଥା ଏବଂ ଖେଳାଳିଙ୍କ ପାଇଁ ବିଶ୍ରାମ ସେଡ୍, ମ୍ୟାଚ୍ ଆୟୋଜନ ଏବଂ ପ୍ରଶିକ୍ଷଣ ଅଧିବେଶନ ପାଇଁ ଏକ ବୃତ୍ତିଗତ-ଗ୍ରେଡ୍ ସୁବିଧା ଏଠାରେ ଉପଲବ୍ଧ ହୋଇଛି।

ଆରଏସପିର ନୂତନ ତଥା ନବୀକୃତ କ୍ରୀଡା ସୁବିଧାକୁ ଡିସେମ୍ବର ୩୦ ତାରିଖରେ ତତ୍କାଳୀନ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏମ ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା କ୍ରୀଡାବିତ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ମାରାଥନ ପ୍ରତିଯୋଗିତା: ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ଓ ମହିଳା ବର୍ଗରେ ସୁସ୍ମିତା ଟିଗା ପ୍ରଥମ




ପାରାଦୀପ, ୩/୧ (ନି.ପ୍ର): ପ୍ରତି ବର୍ଷ ପରି ପାରାଦୀପ ବନ୍ଦର ଏ ବର୍ଷ ୩ ଜାନୁଆରୀ ଦିନ ତାର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ୨୦ତମ ପାରାଦୀପ ବନ୍ଦର ମାରାଥନ ପ୍ରତିଯୋଗିତା ୨୦୨୫ ଆୟୋଜନ କରିଥିଲା । ୩ ତାରିଖ ସକାଳେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ହନୁମାନ ମନ୍ଦିର ଠାରେ ପତାକା ଦେଖାଇ ମାରାଥନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ପ୍ରତିଯୋଗୀ ମାନେ ବନ୍ଦର ସହରର ବିଭିନ୍ନ ଅଞ୍ଚଳ ବୁଲି ୧୪ କିଲୋମିଟର ରାସ୍ତା ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲେ । ପ୍ରତିଯୋଗୀ ମାନେ ରାସ୍ତାରେ ଦୌଡୁ ଥିବା ବେଳେ ବିଭିନ୍ନ ସ୍କୁଲ, ସଂଗଠନର କର୍ମକର୍ତ୍ତା ତଥା ବନ୍ଦରର ଅନ୍ତେବାସୀ ମାନେ ରାସ୍ତା କଡ଼ରେ ଠିଆ ହୋଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏ ବର୍ଷ ମାରାଥନରେ ୩୮୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଯେଉଁଥିରେ ୩୨୫ ଜଣ ପୁରୁଷ ଓ ୬୩ ଜଣ ମହିଳା ଥିଲେ । ପୁରୁଷ ବର୍ଗରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ପ୍ରଥମ, ଝାଡ଼ଖଣ୍ଡର ଅର୍ଜୁନ ଟୁଡୁ ଦ୍ୱିତୀୟ ଓ ସୋନପୁରର ଦୟାନିଧି ମୁଣ୍ଡା ତୃତୀୟ ହୋଇଥିବା ବେଳେ ମହିଳା ବର୍ଗରେ ଓଡ଼ିଶା ପୋଲିସର ସୁସ୍ମିତା ଟିଗା ପ୍ରଥମ, ମୟୂରଭଞ୍ଜର ସନ୍ଧ୍ୟା ମୁର୍ମୁ ଦ୍ୱିତିୟ ଓ କେନ୍ଦ୍ରାପଡ଼ାର ଦୀପ୍ତି ରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମାରଥନରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ପାରାଦୀପ ବନ୍ଦର ପଣ୍ୟ କାରବାରରେ ଆଗକୁ ବଢିବା ସଙ୍ଗେ ସଙ୍ଗେ ସବୁ କ୍ଷେତ୍ରରେ ସଫଳତା ହାସଲ କରିବ ବୋଲି ଆଶା କରିଥିଲେ । ସେ ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୧୦୦୦, ୧୫୦୦୦ ଓ ୧୦୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେହିପରି ଉଭୟ ପୁରୁଷ ଓ ମହିଳା ବର୍ଗରେ ଚତୁର୍ଥ ସ୍ଥାନ ପାଇଁ ୫୦୦୦ ଟଙ୍କା ଲେଖାଏଁ ୩ ଜଣଙ୍କୁ, ପଞ୍ଚମ ସ୍ଥାନ ପାଇଁ ୩୦୦୦ ଟଙ୍କା ଲେଖାଏଁ ୬ ଜଣଙ୍କୁ ଓ ଷଷ୍ଠ ସ୍ଥାନ ପାଇଁ ୨୦୦୦ ଟଙ୍କା ଲେଖାଏଁ ୯ ଜଣଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ଆନ୍ତର୍ଜାତିକ ଧାବିକା ଶ୍ରାବଣୀ ନନ୍ଦଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ୍ଦର ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜାଗୃତିର ୫ ଜଣ ଭିନ୍ନ କ୍ଷମ ଛାତ୍ର ଛାତ୍ରୀଙ୍କୁ ଭିନ୍ନ କ୍ଷମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପ୍ରତ୍ୟେକ ୨୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ଅଧ୍ୟକ୍ଷ କ୍ରୀଡ଼ା ଉପରେ ପର୍ଯ୍ୟବେସିତ ସ୍ମରଣିକା ବଢ଼ତେ କଦମର ତୃତୀୟ ସଂସ୍କରଣକୁ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ଡି ଏନ୍ ସୋଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ନିଲାଭ୍ର ଦାସଗୁପ୍ତା, କୋଷ୍ଟଗାର୍ଡ କମାଣ୍ଡର ସଞ୍ଜୟ ନେଗି, ବନ୍ଦର ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ ମଞ୍ଚରେ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଘୁ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଞ୍ଜନ ରଶ୍ମୀ ବେଉରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ସଚେତନତା ରଥ ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୩/୧ (ନି.ପ୍ର): ଜାନୁଆରୀ ୧ ତାରିଖରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଜିଲ୍ଲା ପରିକ୍ରମା କରିବାର ବ୍ୟବସ୍ଥା କରାଯାଇଛି ଓ ଆଜି ସକାଳ ୧୦.୩୦ ମିନିଟ୍ ସମୟରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକରେ ବିଭିନ୍ନ ଅଂଚଳ ପରିକ୍ରମା କରି ସଡ଼କ ସୁରକ୍ଷାର ବାର୍ତ୍ତା ଲୋକମାନଙ୍କୁ ବାଂଟିବ ଓ ରଥରେ ସଡ଼କ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶନ ହେଉଛି ଓ ଜିଲ୍ଲାର ସମସ୍ତ ଗାଡ଼ି ଚାଳକ, ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନଙ୍କୁ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଦୁଇଚକିଆ ଗାଡ଼ି ଚଳାଇବାବେଳେ ହେଲମେଟ ପରିଧାନ କରିବା, ଦ୍ରୁତ ଗତିରେ ଗାଡ଼ି ନଚଳାଇବା, ମଦ୍ୟପାନ କରି ଗାଡ଼ି ନଚଳାଇବା, ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର ନକରିବା, ୧୮ ବର୍ଷରୁ କମ ବୟସ୍କ ପିଲାମାନଙ୍କୁ ଗାଡ଼ି ଚଳାଇବାକୁ ନଦେବା, ଗାଡ଼ି ଚଳାଇବା ପୂର୍ବରୁ ବ୍ରେକ, ହର୍ଣ୍ଣ, ଇଣ୍ଡିକେଟର, ଟାୟାର ପ୍ରେସର ଯାଂଚ କରିବା ସହ ଗାଡ଼ିର କାଗଜପତ୍ର ସାଙ୍ଗରେ ରଖିବା, କ୍ଷମତା ଠାରୁ ଅଧିକ ଓଜନର ମାଲ୍ ପରିବହନ ନକରିବା ଏବଂ ମାଲ ବୁହା ଯାନରେ ଯାତ୍ରୀ ପରିବହନ ନକରିବା ବିଷୟ ପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି ବୋଲି ଆଂଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି ଓ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ପ୍ରତି ସମସ୍ତେ ସଚେତନ ହେଲେ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ ପାଇବ ଓ ନିୟମଗୁଡ଼ିକୁ ନମାନିଲେ ଆଇନ୍ ଅନୁଯାୟୀ ଦଣ୍ଡ ବ୍ୟବସ୍ଥାର ପ୍ରାବଧାନ ଅଛି ଓ ଉକ୍ତ ଶୁଭ ଉଦ୍ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳଙ୍କ ସହିତ ଅନ୍ୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ମୁଖୀଗୁଡ଼ା, ୩/୧ (ନି.ପ୍ର): କ୍ଷତି ପୂରଣ ଦାବିରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ବାନେର ଛକ ନିକଟରେ ଜୟପାଟଣା ମୋଟର ମୁଖ୍ୟ ରାସ୍ତାକୁ ଶବ ରଖି ଲୋକେ ଅବରୋଧ କରିଛନ୍ତି। ସୂଚନା ଅନୁଯାୟୀ ଗତ ୨୯ ଡିସେମ୍ବର ରବିବାର ଦିନ ବାନେର ଗାଁ ର ଉଛବ ବାଗ(୫୩) ଏକ ବାଇକ ଯୋଗେ ବିଜମରା ଧନୁଯାତ୍ରା ଦେଖି ଯାଇ ଫେରୁଥିବା ବେଳେ କଲୋନୀ ପଡା ବନ୍ଧ ପାର୍ଶ୍ୱ ରେ ଏକ ଟେଙ୍କର ଗାଡି ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଜୟପାଟଣା ଗୋଷ୍ଠୀ କେନ୍ଦ୍ର ଠାରେ ଭର୍ତ୍ତି କରାଯାଇଥିଲା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା ସେଠାରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା ଏ ନେଇ ଜୟପାଟଣା ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା।

# ୬ ତାରିଖରେ ଡବଲ ଡେକର ବସର ଲୋକାର୍ପଣ

ଭୁବନେଶ୍ୱର, ୩/୧ (ନି.ପ୍ର): ଆସନ୍ତା ୬ ତାରିଖରେ ଡବଲ ଡେକର ବସ୍ ହେବ ଲୋକାର୍ପଣ । ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ରାସ୍ତା କାମ, ସଫେଇ ଓ ସାଜସଜ୍ଜା କାମ ନେଇଥିବା ଅଧିକାରୀ ଓ ଏହି ଦାୟିତ୍ୱରେ ଥିବା ବିଭାଗୀୟ ସରକାରୀ ଅଧିକାରୀଙ୍କ ସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ତୁରନ୍ତ ହମ୍ପସ, ଖାଲ ସ୍ଥାନ, ଅସଜଡା ଜାଗାକୁ ସଜାଡ଼ିବା ଉପରେ ବିଭାଗୀୟ ଯନ୍ତ୍ରୀଙ୍କୁ ଦେଲେ ନିର୍ଦ୍ଦେଶ। ସହରକୁ ସଫା ସହିତ ଏୟାରପୋର୍ଟରୁ ପ୍ରଦର୍ଶନୀ ପଡିଆ ସମେତ ନନ୍ଦନକାନନ ଏବଂ ରାଜଧାନୀର କିଛି ଅଂଚଳ ବୁଲିଲେ ବିଭାଗୀୟ ମନ୍ତ୍ରୀ । ପ୍ରବାସୀ ଖାଇବେ ପାରମ୍ପରିକ ଓଡ଼ିଆ ଖାଦ୍ୟ। ଦେଶୀ ଖାଦ୍ୟର ମଜା ନେବେ ପ୍ରବାସୀ। ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ମେଳା ସହ ହେବ ଫୁଡ୍ ଫେଷ୍ଟ ଭଳି ସିଟି ଆକ୍ଟିଭେଶନ କାର୍ଯ୍ୟକ୍ରମ ହେବ । ନିଜର ପାରିପାର୍ଶ୍ୱକୁ ସଫା କରିବା ଲାଗି ରାଜଧାନୀରେ ଥିବା କର୍ପୋରେଟ ସମେତ ବିଭିନ୍ନ ଅଫିସ ଓ ବ୍ୟବସାୟୀଙ୍କ ଅନୁରୋଧ କଲେ ନଗର ଉନ୍ନୟନ ମନ୍ତ୍ରୀ। ୫ଟି ଡବଲ ଡେକର ବସ ଆସି ପହଁଚିବା ପରେ ୬ରୁ ଚାଲିବ ବସ ।

# ଗୀତା ମନନ ଜୀବନ ପାଇଁ ମାର୍ଗଦର୍ଶନର ଗ୍ରନ୍ଥ - ଶ୍ରୀମଦ୍ ବଳିଆ

ଭୁବନେଶ୍ୱର, ୩/୧ (ନି.ପ୍ର): ପ୍ରତି ମଣିଷର ଜୀବନ ଏକ ଗୀତା ତତ୍ୱ ହିଁ ଜୀବନର ତତ୍ୱ। ତତ୍ୱ ମାଗିଲେ ଭ୍ରାନ୍ତି ତୁଟିବ। ପ୍ରତି ମଣିଷର ମାନବ କୁରୁକ୍ଷେତ୍ରରେ ଆସୁଥିବା ଦ୍ୱନ୍ଦ୍ୱ। ସଂଶୟ ଓ ବିପଦ ସମୟରେ ସଠିକ୍ ଦିଗ୍ଦର୍ଶନ ଓ ସମାଧାନ ପାଇବାକୁ ପ୍ରତି ମଣିଷ ଗୀତା ପଢ଼ିବା ଦରକାର। ଏହା କହିଛନ୍ତି ଭାରତର ବିଶିଷ୍ଟ ଆଧ୍ୟାତ୍ମିକ ମାର୍ଗଦର୍ଶକ ଗୁରୁ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ୫ଦିନିଆ ଗୀତା କଥା କାର୍ଯ୍ୟକ୍ରମର ଉଦ୍ଘାଟନୀ ଦିବସରେ ବାବା ବଳିଆ କହିଛନ୍ତି, ଏକାମ୍ର କ୍ଷେତ୍ରରେ ପବିତ୍ର ସ୍ଥଳୀରେ ଗୀତାର ମାର୍ଗଦର୍ଶନ ସମସ୍ତଙ୍କ ଜୀବନ ଯୁଦ୍ଧକୁ ସରଳ ଓ ସଫଳ କରୁ। ଗୀତା କେବଳ ଧର୍ମଗ୍ରନ୍ଥ ନୁହେଁ, ଜୀବନର ମାର୍ଗଦର୍ଶନ। କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ଜଣେ ପତିହରା ମାଆ। ସେହିପରି ଭଗବାନ ଶିଶୁ ଅନନ୍ତଙ୍କ ପାଖରେ ପଂଚବଟ(୫ ପ୍ରକାର ବୃକ୍ଷଙ୍କୁ) ଶିବ ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ପତିହରା ମାନେ(ବିଧବା)ମାନଙ୍କୁ ସମ୍ମାନ ଓ ବୃକ୍ଷ ତଥା ପରିବାର ସମ୍ପର୍କରେ ସଚେତନତା ଲାଗି ଏପରି ନିଆରା ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ ସ୍ୱାଗତ କମିଟିର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ। ସ୍ୱାଗତ ଭାଷଣରେ ସୌମ୍ୟରଞ୍ଜନ କହିଲେ, ବାବା ବଳିଆ ୫୦ବର୍ଷ ହେବ ଆମ ସମାଜକୁ ନୂତନ ବାର୍ତ୍ତା ନେଇ ଆସୁଛନ୍ତି। ସେ ଧର୍ମକଥା କହିବା ସହ ସମାଜ ସଂସ୍କାରର ବାର୍ତ୍ତା ଦେଉଛନ୍ତି। ଏହି ବାର୍ତ୍ତାକୁ ସରକାର ଓ ସମାଜ ସହ ସାଧାରଣ ମଣିଷ କାମରେ ଲଗାଇଲେ ଉପକୃତ ହୋଇପାରିବ। କାର୍ଯ୍ୟକ୍ରମର ସଂଯୋଜକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ୫ଦିନିଆ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ସେ କହିଥିଲେ, ଶ୍ରୀମଦ୍ ବାବା ବୈଷ୍ଣବ ପଂଚସଖା ବଳରାମ, ଜଗନ୍ନାଥ, ଅନନ୍ତ, ଅଚ୍ୟୁତ ଓ ଯଶୋବନ୍ତଙ୍କର ମୂର୍ତ୍ତିମନ୍ତ ପ୍ରତୀକ। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନନ୍ତ ବଳିଆ ଟ୍ରଷ୍ଟର ବାବାଜୀ ପ୍ରଣବାନନ୍ଦ ଦାସ। ଏଥିରେ ଟ୍ରଷ୍ଟର ବାବାଜୀ ରାଧେଶ୍ୟାମ ଦାସ, ବାବାଜୀ ପରମାତ୍ମା ଦାସ, ଚିଦାନନ୍ଦ ବ୍ରହ୍ମଚାରୀ, ବିଶ୍ୱ ସନାତନ ସେବା ସଂଘ, ଭୁବନେଶ୍ୱରର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଆଂଚଳିକ ନିର୍ଦ୍ଦେଶକଙ୍କ ବାଜିରାଉତ କଲେଜ ପରିଦର୍ଶନ

ଭୁବନ, ୩/୧ (ନି.ପ୍ର): ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ରଣଜିତ୍ କୁମାର ପ୍ରଧାନ ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପରିଦର୍ଶନ କରି ଫେରିଯାଇଛନ୍ତି । ଶ୍ରୀଯୁକ୍ତ ପ୍ରଧାନ କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସହ ମହାବିଦ୍ୟାଳୟର ଶ୍ରେଣୀଗୃହ, ପାଠାଗାର, କ୍ୟାଂଟିନ୍ ଆଦି ପରିସର ତଦାରଖ କରିବା ସହ ମହାବିଦ୍ୟାଳୟର ବିଭିନ୍ନ ଭିତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା । ଏହି ସଭାରେ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ପ୍ରଫୁଲ୍ଲ କୁମାର ଭୂୟାଁ, ସଂସ୍କୃତ ବିଭାଗର ମୁଖ୍ୟ ଗୌରାଙ୍ଗ ଚରଣ ମହାରଣା ମଂଚାସିନ ହୋଇଥିଲେ । ମହାବିଦ୍ୟାଳୟର ପରିଦର୍ଶନରେ ଆସିଥିବା ଆଂଚଳିକ ନିର୍ଦ୍ଦେଶକ ରଣଜିତ କୁମାର ପ୍ରଧାନ ମହୋଦୟ ଏହି ସଭାରେ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ନିଜର ବାଗ୍ମିତାରେ ସମସ୍ତ ଛାତ୍ରଛାତ୍ରୀ , ଅଧ୍ୟାପକ ଅଧ୍ୟାପିକାଙ୍କୁ ମୁଗ୍ଧ କରିଥିଲେ । ଛାତ୍ରଛାତ୍ରୀ ହେଉଛନ୍ତି ଶିକ୍ଷକଙ୍କର ପ୍ରକୃତ ପୁଞ୍ଜି, ପ୍ରକୃତ ପରିଚୟ ପତ୍ର । ମହାବିଦ୍ୟାଳୟ ହେଉଛି ସମସ୍ତ କର୍ମଚାରୀଙ୍କ ମାତୃସ୍ଥାନୀୟା ,ତେଣୁ ତାର ଉନ୍ନତି କାମନା କରିବା ସମସ୍ତଙ୍କ ପରମ କର୍ତବ୍ୟ। ସହଭାଗିତା ଓ ସହଯୋଗିତା ହିଁ ଲକ୍ଷ୍ୟସାଧନର ପ୍ରକୃତ ମାର୍ଗ । ଏହିପରି ଅନେକ ଉତ୍ସାହପୂର୍ଣ୍ଣ ଉକ୍ତିରେ ସେ ଅଧ୍ୟାପକ ଅଧ୍ୟାପିକ ଓ କର୍ମଚାରୀଙ୍କ ମନୋବଳକୁ ସୁଦୃଢ଼ କରିଥିଲେ । ଏତଦବ୍ୟତୀତ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରି ଜୀବନର ଲକ୍ଷ୍ୟ ଓ ଲକ୍ଷ୍ୟସ୍ଥଳ ରେ ପହଂଚିବାର ଉଚିତ ମାର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ , ଅଧ୍ୟାପିକା, କର୍ମଚାରୀ , ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ସଭାକୁ ସଫଳମଣ୍ଡିତି କରିଥିଲେ ।

# ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର, ୩/୧ (ନି.ପ୍ର): ଆମ ଦେଶ ପରାଧୀନ ଥିବାବେଳେ ବିଦେଶୀ ଶାସନର ଅତ୍ୟାଚାର ନିପୀଡ଼ନ ଓ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରି ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ ବୀର ସଂଗ୍ରାମୀମାନେ ନିଜ ଜୀବନକୁ ବାଜି ଲଗାଇ ମୁକ୍ତି ସଂଗ୍ରାମର ମଶାଲ ପ୍ରଜ୍ୱଳିତ କରି ରଖିଥିଲେ ସେମାନଙ୍କ ମଧ୍ୟରେ ଡ. ହରେକୃଷ୍ଣ ମହତାବ ଥିଲେ ଅଗ୍ରଗଣ୍ୟ । ସେ ଏକାଧାରରେ ଥିଲେ ରାଷ୍ଟ୍ରନୀତିଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସମାଜସେବକ, କବି, ସାହିତ୍ୟିକ, ରାଜନୀତିଜ୍ଞ, କୁଟନୀତିଜ୍ଞ, ସାମ୍ବାଦିକ, ନିର୍ଭୀକ କରିତ୍କର୍ମା ତଥା ନବ ଉତ୍କଳର ନିର୍ମାତା । ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ପାଇଁ ତାଙ୍କର ଅବଦାନ ଅତୁଳନୀୟ । ଡ. ମହତାବ ଜଣେ ବ୍ୟକ୍ତିବିଶେଷ ନଥିଲେ । ସେ ଥିଲେ ଓଡ଼ିଶାର ଏକ ବହୁମୁଖୀ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ, ଏପରିକି ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତାର ପରିସ୍ଫୁଟନ ହେଉଥିଲା । ଯଥାର୍ଥରେ ସେ ଥିଲେ ଉତ୍କଳକେଶରୀ । ଓଡ଼ିଶାର ପ୍ରାଣ ଡ. ମହତାବ ଜଣେ ସୁଯୋଗ୍ୟ କର୍ମବୀର ଓ ସ୍ୱାଭିମାନର ମହାନାୟକ ଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଜିପିଏସ୍ ଆଧାରିତ ଯାନବାହନ ଟ୍ରାକିଂ ସିଷ୍ଟମ୍‌ର ଶୁଭାରମ୍ଭ

ରାଉରକେଲା, ୩/୧ (ନି.ପ୍ର): କାର୍ଯ୍ୟକ୍ଷମ ନିରାପତ୍ତା ଏବଂ ଦକ୍ଷତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏକ ଜିପିଏସ୍ ଆଧାରିତ ଯାନବାହନ ଟ୍ରାକିଂ ସିଷ୍ଟମ୍ (ଭିଟିଏସ)ର ଶୁଭାରମ୍ଭ କରିଛି। ଏହି ରୂପାନ୍ତରଣୀୟ ପଦକ୍ଷେପ ଯାନବାହନର ଗତିବିଧି ତଦାରଖକୁ ମଜବୁତ କରିବା ସଙ୍ଗେସଙ୍ଗେ ନିୟମାବଳୀ ଅନୁପାଳନକୁ ସୁନିଶ୍ଚିତ କରିବ ଏବଂ କାରଖାନା ପରିସର ମଧ୍ୟରେ ସାମଗ୍ରିକ ସୁରକ୍ଷାକୁ ସୁଦୃଢ଼ କରିବ। କ୍ଲାଉଡ୍ ସର୍ଭରରେ ହୋଷ୍ଟ ହୋଇଥିବା ଏହି ସିଷ୍ଟମ୍, ରିଅଲ୍-ଟାଇମ୍ ଯାନବାହନ ଟ୍ରାକିଂ ଏବଂ ସ୍ୱୟଂଚାଳିତ ମାର୍ଗ ପରିଚାଳନା ଯୋଗାଇବା ପାଇଁ ଆରଏସପିର ବିଦ୍ୟମାନ ଏସଏପି ଭିତ୍ତିଭୂମି ସହିତ ଉନ୍ନତ ଜିପିଏସ୍ ଟେକ୍ନୋଲୋଜିକୁ ଏକତ୍ର କରୁଛି। ଆରଏସପିରେ ଥିବା ଜିପିଏସ୍ ଆଧାରିତ ଯାନବାହନ ଟ୍ରାକିଂ ସିଷ୍ଟମ୍ ପାଞ୍ଚଟି ମୁଖ୍ୟ ଫାଟକ ଯଥା ହିରାକୁଦ୍ ଗେଟ୍, ଏସଜିପି ଗେଟ୍, ଏନଟିପି ଗେଟ୍ ଏବଂ ଏସଏସଏସଡ଼୍ୱାଇ ଗେଟ୍ ଦେଇ ଯାନବାହନର ଗତିବିଧି ଉପରେ ନଜର ରଖିବ। ପ୍ରବେଶ ଦ୍ୱାରରେ, ସିଆଇଏସ୍ଏଫ୍ କର୍ମୀମାନେ ଯାନବାହନରେ ପୋର୍ଟେବଲ୍ ଜିପିଏସ୍ ଟ୍ରାକର୍ ସଂଲଗ୍ନ କରିବେ ଯାହା ଗାଡି ବାହାରିବା ପରେ ଅପସାରଣ କରାଯିବାର ବ୍ୟବସ୍ଥା ରହିଛି। ଏହି ସିଷ୍ଟମ୍ ଆରଏସପିର ଏସଏପି ସିଷ୍ଟମ୍ ସହିତ ଏକୀକୃତ ହୋଇଥାଏ ଏବଂ ପ୍ରବେଶ ଅନୁମତି ବିବରଣୀ ଯେପରିକି ଗେଟ୍, ଗନ୍ତବ୍ୟସ୍ଥଳ, ଏବଂ ଏଚଟିଟିପିଏସ ଏପିଆଇ ମାଧ୍ୟମରେ ଭିଟିଏସ କ୍ଲାଉଡ୍ ପ୍ଲାଟଫର୍ମକୁ ପଠାଇଥାଏ। ସର୍ବୋତ୍କୃଷ୍ଟ ମାର୍ଗ ନିର୍ଣ୍ଣୟ କରିବା ଏବଂ ଆବଶ୍ୟକ ଅନୁଯାୟୀ ଆଲର୍ଟ ସୃଷ୍ଟି କରିବା ପାଇଁ ଭିଟିଏସ ସଫ୍ଟୱେର୍ ଏହି ସୂଚନା ପ୍ରକ୍ରିୟାକରଣ କରିଥାଏ।

ନୂତନ ଡିଜିଟାଲାଇଜଡ୍ ସିଷ୍ଟମର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଉଛି ରିଅଲ୍-ଟାଇମ୍ ଟ୍ରାକିଂ, ଯାନବାହନ ପରିସର ମଧ୍ୟରେ ରହିବା ସମୟରେ ନିରନ୍ତର ମନିଟରିଂ, ମାର୍ଗ ଉଲ୍ଲଂଘନ, ସ୍ପିଡ୍ ଉଲ୍ଲଂଘନ ଏବଂ ଟ୍ରାକର ଟ୍ୟାମ୍ପରିଂ ପାଇଁ ଆଲର୍ଟ ସୃଷ୍ଟି।




ନୂତନ ସିଷ୍ଟମ ସିଆଇଏସଏଫ କର୍ମୀଙ୍କୁ ବର୍ଦ୍ଧିତ ଦକ୍ଷତା ସହିତ ଯାନବାହନର ଗତିବିଧି ତଦାରଖ କରିବାରେ ସାହାଯ୍ୟ କରିବ। ଏହା ମାନବୀୟ ହସ୍ତକ୍ଷେପକୁ ମଧ୍ୟ ହ୍ରାସ କରିଥାଏ, କାର୍ଯ୍ୟକୁ ସରଳ କରିଥାଏ ଏବଂ କାରଖାନାର ନିୟମକୁ ପାଳନ କରିବା ନିଶ୍ଚିତ କରିବାକୁ ଆଲର୍ଟ ଏବଂ ଲଗ୍ ସୃଷ୍ଟି କରିଥାଏ ଯାହା ଉତ୍ତମ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାହାଯ୍ୟ କରେ।

ସିଷ୍ଟମର ପ୍ରାରମ୍ଭିକ ପରୀକ୍ଷଣ ହିରାକୁଦ୍ ଗେଟରେ ମନୋନୀତ ବାଣିଜ୍ୟିକ ଯାନ ସହିତ ଜାରି ରହିଛି। ହିରାକୁଦ ଗେଟରେ ସଫଳ ପରୀକ୍ଷଣ ପରେ, ପ୍ଲାଣ୍ଟର ସମସ୍ତ ଗେଟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

ଏହି ପ୍ରକଳ୍ପ ସିଇଡ଼ି ବିଭାଗ ଦ୍ୱାରା ଇ ଏବଂ ଏ ବିଭାଗ, ସି ଆଣ୍ଡ ଆଇଟି ବିଭାଗ ଏବଂ ସିଆଇଏସଏଫ ସହିତ ମିଳିତ ଭାବରେ କାର୍ଯ୍ୟକାରୀ କରାଯାଇଛି।

ଏହି ନୂତନ ବ୍ୟବସ୍ଥାକୁ ଆରଏସପିର ତତ୍କାଳୀନ ଡ଼ିଆଇସି ଶ୍ରୀ ଅତନୁ ଭୌମିକ ଡିସେମ୍ବର ୩୦ ତାରିଖରେ ହୀରାକୁଦ ଗେଟରେ ଅନୁଷ୍ଠିତ ଏକ ଉତ୍ସବରେ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର ?ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାରଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀଖଣ୍ଡ ପର୍ବତ



ଅଙ୍ଗିରା ବା ଅଙ୍ଗୀରସ ମୁନି ବ୍ରହ୍ମାଙ୍କର ମାନସ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ। କୂର୍ମ ପୁରାଣ ଅନୁସାରେ ସେ ବ୍ରହ୍ମାଙ୍କର ମସ୍ତିଷ୍କରୁ ଜାତ ହୋଇଥିଲେ। ସେ ସପ୍ତଋଷିଙ୍କର ଅନ୍ତର୍ଗତ। ସେ 'ଅଙ୍ଗୀରସ ସଂହିତା' ନାମକ ଏକ ଗ୍ରନ୍ଥର ପ୍ରଣେତା। ଏହି ଋଷିଙ୍କର ସାତ ପ୍ରଭାମୟ ପୁତ୍ର ଥିଲେ, ଯେଉଁମାନଙ୍କ ମଧ୍ୟରୁ ଦେବଗୁରୁ ବୃହସ୍ପତି ଜଣେ। ତାହାଙ୍କଠାରୁ ବିଭିନ୍ନ ଅଗ୍ନିମାନ ସଂଜାତ ହୋଇଥିଲେ। ସଂସାରରେ ସେ ଦ୍ୱିତୀୟ ଅଗ୍ନି ଭାବରେ ଖ୍ୟାତ।

ପ୍ରାଚୀନ କାଳର କଥା। ମହାଭାଗ ଅଙ୍ଗିରା ଏକଦା କଠୋର ତପସ୍ୟା କରିବା ଆରମ୍ଭ କଲେ। ସେହି ତପଶ୍ଚରଣରେ ସେ ସଫଳ ମଧ୍ୟ ହେଲେ। ସେହି ସମୟରେ କୌଣସି କାରଣରୁ ଅଗ୍ନିଦେବ ଜଳ ମଧ୍ୟରେ ରହି ତପସ୍ୟା କରି ଅତ୍ୟନ୍ତ କ୍ଷୀଣ ଓ ପ୍ରଭାହୀନ ହୋଇଯାଇଥିଲେ। ସ୍ୱୟଂ ତେଜୋମୟ ହୋଇ ମଧ୍ୟ ଅଙ୍ଗିରାମୁନିଙ୍କ ତାପରେ ସେ ଅତ୍ୟନ୍ତ ସନ୍ତାପିତ ହୋଇପଡ଼ିଲେ। ତାଙ୍କର ଶରୀର ମଳିନ ହୋଇଗଲା। କିନ୍ତୁ ଏହାର କାରଣ ଜାଣି ନ ପାରିବାରୁ ସେ ମନେ ମନେ ଚିନ୍ତା କଲେ- ଦୀର୍ଘ ସମୟ ଅନୁପସ୍ଥିତ ରହିବାରୁ ବ୍ରହ୍ମା ବୋଧହୁଏ କୌଣସି ଦ୍ୱିତୀୟ ଅଗ୍ନି ନିର୍ମାଣ କରିଛନ୍ତି। ତପସ୍ୟା ହେତୁ ମୋର ଅଙ୍ଗ କ୍ଷୀଣ ଓ ନିଷ୍ପ୍ରଭ ହୋଇଯାଇଛି। କିପରି ପୁଣି ମୁଁ ମୋର ପୂର୍ବରୂପ ଫେରି ପାଇବି ?

ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତଋଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା। ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପାଦଚିହ୍ନ ବୋଲି କୁହାଯାଏ। ଏହିପରି ଚିନ୍ତାକରି ଇତସ୍ତତଃ ହୋଇ ବୁଲୁବୁଲୁ ଅଙ୍ଗିରା ମୁନିଙ୍କ ସହିତ ଅଗ୍ନିଙ୍କର ସାକ୍ଷାତ ହେଲା। ସେ ଦେଖିଲେ, ମୁନି ଅଙ୍ଗିରା ଅଗ୍ନିସମାନ ପ୍ରକାଶିତ ହୋଇ ସମଗ୍ର ଜଗତକୁ ଉତ୍ତାପ ପ୍ରଦାନ କରୁଛନ୍ତି। ଏହା ଦେଖି ଅଗ୍ନି ମୁନି ଅଙ୍ଗିରାଙ୍କ ନିକଟକୁ ଆସି ତାଙ୍କୁ ଲୋକପାବନ ଅଗ୍ନିଙ୍କ ପଦରେ ପ୍ରତିଷ୍ଠିତ ହେବାକୁ ଅନୁରୋଧ କଲେ। ଏହାକୁ ମହାମୁନି ଅଙ୍ଗିରା ଅସ୍ୱୀକାର କରିବା ସହିତ ଅଗ୍ନିଙ୍କୁ ନିଜ ପଦରେ ରହିବାକୁ ଏବଂ ତାଙ୍କୁ ପୁତ୍ର ରୂପେ ଗ୍ରହଣ କରିବାକୁ ଅନୁରୋଧ କଲେ। ସେ ଯଜ୍ଞହବି ଅଗ୍ନିଙ୍କ ନିକଟରେ ପହଞ୍ଚାଇ ତାଙ୍କୁ ପୁନଶ୍ଚ ପ୍ରଭାଯୁକ୍ତ କଲେ। ଏହା ପଞ୍ଚାଗ୍ନି ନାମରେ ବିଖ୍ୟାତ ହେଲା।

ଏହି କୀର୍ତ୍ତିମାନ ତପସ୍ୱୀଙ୍କର ଆଶ୍ରମ ଛତିଶଗଡ଼ର ଧମତେରୀ ଜିଲାର ସିହବା ପର୍ବତରେ ରହିଛି। ପ୍ରାଚୀନ କାଳରେ ତାହା ଶ୍ରୀଖଣ୍ଡ ପର୍ବତ ନାମରେ ପ୍ରଖ୍ୟାତ ଥିଲା। ଏହି ପର୍ବତ ମହାନଦୀର ଉଦ୍‌ଗମ ସ୍ଥଳ। ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତଋଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା।

ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପଦଚିହ୍ନ ବୋଲି କୁହାଯାଏ। ପର୍ବତ ମଧ୍ୟରେ ସାତରୁ ଅଧିକ ଗୁମ୍ଫା ରହିଛି। ଗୋଟିଏ ଗୁମ୍ଫାରେ ସର୍ବଦା ପ୍ରଦୀପ ପ୍ରଜ୍ୱଳିତ ରହିଛି। ପର୍ବତର ପାଦଦେଶରେ ସୀତାନଦୀ ପ୍ରବାହିତ। ଛତିଶଗଡ଼ ସରକାର ସଂପ୍ରତି ରାମ ଗମନ ପଥ ପରିକ୍ରମା ବିକାଶ ଯୋଜନାରେ ଏହି ପର୍ବତକୁ ଅନ୍ତର୍ଭୁକ୍ତ କରି ଏହି ସ୍ଥାନର ବିକାଶ ପାଇଁ ଧ୍ୟାନ ଦେଉଛନ୍ତି।

# ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

**ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।**










*ସିଝା ଅଣ୍ଡା:*

ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

*ପକୋଡି:*

ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଳୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

*ପାଣି:*

ଚା' ସହିତ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।

*ଲୁଣି ଖାଦ୍ୟ:*

ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।

*ଲେମ୍ବୁ:*

ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।



# ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି ? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

# ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...





ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ୍ୟ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ଋସଶତ୍ୱ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶତ୍ୱ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା ଆପଣଙ୍କ ନିଷ୍ପତ୍ତି ।



# ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି



ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା।

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସୁନାମି ପାଇଁ ପ୍ରସ୍ତୁତି...

ପ୍ରାୟ ୪୮୨ କିଲୋମିଟର ବ୍ୟାପୀ ଓଡ଼ିଶା ଉପକୂଳ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଭଳି ଛଅଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରେ । ସାମଗ୍ରିକ ପରିସଂଖ୍ୟାନ ସୂଚାଇଥାଏ ଯେ ଓଡ଼ିଶାର ଉପକୂଳ ବହୁଳ ଭାବରେ ପରିବର୍ତ୍ତିତ ହୋଇଚାଲିଛି । ସମଗ୍ର ଉପକୂଳର ୪୬.୮% ଅଂଶରେ ବାଲି ପଟୁ ମାଟି ବଢୁଥିବା ବେଳେ ୧୪.୪ % ସ୍ଥିର ଏବଂ ୩୬.୮ % କ୍ଷୟ(ଉଚ୍ଚ, ମଧ୍ୟମ ଓ ନିମ୍ନ କ୍ଷୟ)ସାପେକ୍ଷ ଅଞ୍ଚଳ । କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଅତ୍ୟଧିକ ଅସୁରକ୍ଷିତ । କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଓ ପେଣ୍ଠ ଅଞ୍ଚଳ, ପୁରୀ ଜିଲ୍ଲାର କୋଣାର୍କ-ଚନ୍ଦ୍ରଭାଗା-ରାମଚଣ୍ଡି ଓ ଅସ୍ତରଙ୍ଗ ଅଞ୍ଚଳ ଏବଂ ଗଞ୍ଜାମ ଜିଲ୍ଲାର ପୋଡ଼ାମପେଟା, ରାମାୟାପାଠଣା, ଋଷିକୂଲ୍ୟା ଓ ବାହୁଦା ନଦୀ ମୁହାଣ ଅଞ୍ଚଳ ସମେତ ଅନେକ ଉପକୂଳବର୍ତ୍ତୀ ଗ୍ରାମ, ମୁଖ୍ୟତଃ ମତ୍ସ୍ୟଜୀବୀ ଗ୍ରାମ, ସମୁଦ୍ର ଦ୍ୱାରା ଗ୍ରାସିତ ହୋଇଛି କିମ୍ବା ଅତ୍ୟନ୍ତ ପ୍ରଭାବିତ ହୋଇଚାଲିଛି । ୨୦୨୨ ମସିହାରେ ପ୍ରସ୍ତୁତ ଉପକୂଳ ବିପଦସଂକୁଳ ସୂଚକାଙ୍କ(ସିଭିଆଇ)ର ତଥ୍ୟ ଅନୁଯାୟୀ, ଓଡ଼ିଶାର ପ୍ରାୟ ୩୭ କିଲୋମିଟର ଦୈର୍ଘ୍ୟ ଉପକୂଳ ଅଞ୍ଚଳ ଅତ୍ୟଧିକ ଦୁର୍ବଳ ସ୍ଥିତିରେ ଅଛି । ଏହା ଓଡ଼ିଶାର ମୋଟ ୪୮୨ କିଲୋମିଟରେ ଉପକୂଳର ୭.୫୧ ପ୍ରତିଶତ । ସୁଖର କଥା, ବାତ୍ୟା ସମୟରେ ସୁନ୍ଦରୀ ବନ ବା ଲୁଣା ଜଙ୍ଗଲ ସୁରକ୍ଷା ବଳୟ ପ୍ରଦାନ କରୁଥିବା ହୃଦୟଙ୍ଗମ କରିବା ପରେ ଓଡ଼ିଶା ସରକାର ସମୁଦ୍ର କୂଳରେ ଲୁଣା ଜଙ୍ଗଲ ଏବଂ ସହଯୋଗୀ ଜାତିର ଚାରାରୋପଣ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହା ଅନେକାଂଶରେ ସମୁଦ୍ରକୂଳ କ୍ଷୟକୁ ରୋକିବାରେ ସାହାଯ୍ୟ କରିବା ବୋଲି ଆଶା କରାଯାଇପାରେ । ମହାବାତ୍ୟା ପରେ ଫାଇଲିନ୍ , ହୁଡହୁଡ୍ , ତିତିଲି , ଫନି , ବୁଲବୁଲ୍ , ଆମ୍ଫାନ୍ , ୟାସ୍ , ଗୁଲାବ , ଜାଦ୍ ଏବଂ ୨୦୨୪ ଅକ୍ଟୋବରରେ 'ଦାନା' ଭଳି ପ୍ରାକୃତିକ ବିପର୍ଯ୍ୟୟ ସହିତ ଓଡ଼ିଶା ଏକ ଦୀର୍ଘ ରାସ୍ତା ଅତିକ୍ରମ କରିଛି । ବିପର୍ଯ୍ୟୟ ପ୍ରଶମନ, ପ୍ରସ୍ତୁତି ଓ ପରିଚାଳନାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଦାହରଣ ସୃଷ୍ଟି କରିଛି । ଦେଶରେ ଉପକୂଳ ଓଡ଼ିଶାର ପ୍ରାୟ ୨୪ ଟି ଗାଁକୁ ୟୁନେସ୍କୋ ଦ୍ୱାରା 'ସୁନାମି ପ୍ରସ୍ତୁତ' ଘୋଷଣା କରାଯାଇଛି । 'ସୁନାମି ପ୍ରସ୍ତୁତ' ହେଉଛି ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ, ଯାହା ସୁନାମି ପାଇଁ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପାଇଁ ସମ୍ପ୍ରଦାୟକୁ ସ୍ୱୀକୃତି ଦେଇଥାଏ । ଉପକୂଳରେ ଥିବା ଅନେକ ମତ୍ସ୍ୟଜୀବୀ ଗ୍ରାମ ସମୁଦ୍ର ଦ୍ୱାରା ଗ୍ରାସିତ ହୋଇଚାଲିଛି । ଅଧିକ ପ୍ରଭାବିତ ହୋଇଛି କେନ୍ଦ୍ରାପଡ଼ା ଓ ଗଞ୍ଜାମ ଜିଲ୍ଲା । କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକରେ ସାତଭାୟା ଗ୍ରାମ ପଞ୍ଚାୟତ ଅଧୀନ ଗ୍ରାମ ପୁଞ୍ଜ ଓ ପେଣ୍ଠ ଅଞ୍ଚଳ ସର୍ବାଧିକ ପ୍ରଭାବିତ । ଓଡ଼ିଶା ସରକାର ପ୍ରାୟ ୧୨ କିଲୋମିଟର ଦୂରରେ ଥିବା ବଗପାଟିଆରେ ପୁନଃବିସ୍ଥାପନ କଲୋନୀକୁ ୨୦୦୮ ରୁ ସାତଭାୟା ଗ୍ରାମ ପଞ୍ଚାୟତ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିଆସୁଛନ୍ତି । ବାତ୍ୟା 'ଦାନା' ସମୟରେ ପୁନଃ ବିସ୍ଥାପନ କଲୋନୀରେ ସମୁଦ୍ର ଜଳ ଭରି ଯାଇଥିଲା । ଗଞ୍ଜାମ ଜିଲ୍ଲାର ପୋଡାମପେଟା ଗ୍ରାମକୁ ହୁମ୍ମା ପାହାଡ଼ର ପାଦଦେଶରେ ଥିବା ନୂତନ ପୋଡ଼ାମପେଟା ନାମକ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ସେହିଭଳି ରାମାୟାପାଟଣା ଗ୍ରାମବାସୀଙ୍କୁ ସେମାନଙ୍କ ଗ୍ରାମଠାରୁ ପ୍ରାୟ ୧.୫ କିଲୋମିଟର ଦୂରରେ ଥିବା ଚାନ୍ଦବାଡ଼ାଠାରେ ପୁନଃ ସ୍ଥାପିତ କରାଯାଇଛି । ଓଡ଼ିଶା ଉପକୂଳର ୪୮୨ କିଲୋମିଟର ଦୈର୍ଘ୍ୟ ମଧ୍ୟରୁ ପ୍ରାୟ ୬୦ କିଲୋମିଟର ଗଞ୍ଜାମ ଜିଲ୍ଲାରେ ଆବୃତ ହୋଇଛି । ପୋଡ଼ାମପେଟା ଋଷିକୂଲ୍ୟା ମୁହାଣରେ ଉତ୍ତର ଭାଗରେ ଏବଂ ରାମାୟାପାଟଣା ଦକ୍ଷିଣ ପ୍ରାନ୍ତରେ ବାହୁଦା ନଦୀ ମୁହାଣରେ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ସମଗ୍ର ଓଡ଼ିଶା ଉପକୂଳ ଏବଂ ଆର୍ଦ୍ରଭୂମି ଯଥା ଭିତରକନିକା, ଗହିରମଥା, ଚିଲିକା ହ୍ରଦ ଜୈବ ବିବିଧତା ସମୃଦ୍ଧ ବୈଭବ ଭାବେ ମାନ୍ୟତାପ୍ରାପ୍ତ । ଅଲିଭ୍ ରିଡଲେ ସମୁଦ୍ର କଇଁଛ, ଡଲଫିନ୍, ନୀଳ ରକ୍ତ କଙ୍କଡ଼ା, କୁମ୍ଭୀର, ବହୁ ସଂଖ୍ୟାରେ ସାମୁଦ୍ରିକ ପ୍ରାଣୀ ଓ ଉଦ୍ଭିଦ ପାଇଁ ଉପକୂଳ ହେଉଛି ସର୍ବୋତ୍ତମ ଆବାସ ସ୍ଥାନ । ଓଡ଼ିଶାର ଉତ୍ତର-ପୂର୍ବ ଉପକୂଳରେ ବାଲେଶ୍ୱର ଜିଲ୍ଲାର ବଳରାମଗଡ଼ି ତଥା ଚାନ୍ଦିପୁରରେ ଏବଂ କେନ୍ଦ୍ରାପଡ଼ା ସ୍ଥିତ ହୁକିତୋଲା, ଏକକୁଳା, ସାତଭାୟା ଏବଂ ମାଡାଳି ବେଳାଭୂମିରେ ନୀଳ ରକ୍ତ କଙ୍କଡ଼ା ମୁକ୍ତ ଭାବରେ ବିଚରଣ କରନ୍ତି । ଭିତରକନିକାର ସଂରକ୍ଷିତ ଅଞ୍ଚଳ, ଗହିରମଥା ବେଳାଭୂମି ଏବଂ ଚିଲିକା ଲୁଣା ହ୍ରଦକୁ କୁମ୍ଭୀର, ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ, ଡଲଫିନ୍, ଉଭୟ ସ୍ଥାନୀୟ ଏବଂ ବିଦେଶାଗତ ପକ୍ଷୀ ସଂରକ୍ଷଣ ପାଇଁ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଛି । ବନ୍ୟଜନ୍ତୁ (ସୁରକ୍ଷା) ଅଧିନିୟମ ୧୯୭୨ ଅଧୀନରେ ସଂରକ୍ଷିତ ଜୀବଜାତି ଭାବରେ ଏହିସବୁ ପ୍ରାଣୀଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଏଭଳି ପଦକ୍ଷେପ ଜରୁରୀ ।




### ବୋଉ

**ଗୋଲୋକ ବିହାରୀ ବେହେରା**

ଯେତେବେଳେ ଆସେ ବାହାରୁ
ବୋଉ ଲୋ
ମୋ' ମୁହଁକୁ ଚାହିଁ ରହୁ,
କାହିଁକିରେ ଧନ ମୁହଁଟା ତୋହର
ଶୁଖି ଯାଇଅଛି କହୁ ।
ମୋ' ପେଟରେ ହାତ
ବୁଲାଇ ତୁ କହୁ
ଖାଇ ନାହୁଁ କିରେ କିଛି ?
ନାନୀକୁ ଆକଟ କରି ଡାକ ଦେଉ
ବାଢ଼ିଦେ ଲୋ ଭାତ ଝଟତି ।
ରାଗିଲେ ବୁଝାଇ ରୁଷିଲେ ହସାଇ
କାନ୍ଦିଲେ କୋଳେଇ ନେଉ,
ନ ଖାଇଲେ ଖୋଇ,
ନ ଶୋଇଲେ ଶୋଇ
ପଣତେ ଘୋଡ଼େଇ ଦେଉ ।
ଲୁହ ଲହୁ ଢାଳି ମଣିଷ କରିଛୁ
ନାହିଁ ଲୋ ତୋର ତୁଳନା ,
ତୋ' ପାଦ ତଳେ ମୋ'
ସରଗର ସୁଖ
ତୁହି ମୋର ଅନ୍ନପୂର୍ଣ୍ଣା ।
ଯେତେ ଦୁଃଖ କଷ୍ଟ ହସି ହସି ସହି
ହସ ଭରିଦେଉ ଓଠେ,
ତୋର ଋଣ ଆମେ ସୁଝି କି ପାରିବୁ
ସାତ ଜନମରେ ସତେ !!

+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

## ପାଟକୁରା ଗାନ୍ଧୀ ରାଜକିଶୋର ନାୟକ

**ତ୍ରୈଲୋକ୍ୟନାଥ ପରିଡ଼ା**

ଗାନ୍ଧିବାଦୀ ରାଜକିଶୋର ନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ଶିକ୍ଷକ । ତାଙ୍କ ସରଳ ନିରାଡ଼ମ୍ବର ଜୀବନ କେବଳ ପୀଡ଼ିତଙ୍କ ଲାଗି ଉତ୍ସର୍ଗ ଥିଲା । ନିଃସ୍ୱାର୍ଥପର ଏହି ଜନସେବକ ପାଟକୁରା ଗାନ୍ଧୀ ଭାବେ ପରିଚିତ । କେନ୍ଦ୍ରାପଡ଼ାର ପାଟକୁରା ସ୍ଥିତ ଅରିଲୋ ଗ୍ରାମରେ ଜନ୍ମିତ ରାଜକିଶୋର ୧୯୭୦ରେ ପାଟକୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ । ବନ୍ୟା-ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତଙ୍କ ଉଦ୍ଧାର ଲାଗି ସେ ଦେବଦୂତ ସାଜୁଥିଲେ । ରାଜନୀତି ପ୍ରତି ମଧ ତାଙ୍କର ଆଗ୍ରହ ଥିଲା । ପାଟକୁରାରୁ ଦୁଇ ଦୁଇଥର ବିଧାନସଭା ନିର୍ବାଚନ ଜିତି ଅନେକ ଜନମଙ୍ଗଳ କାର୍ଯ୍ୟ ସେ କରିଥିଲେ । ୧୯୭୭ ଓ ୧୯୯୩ରେ ଦୁଇଥର ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ଼ର ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି, ଉତ୍କଳ କଂଗ୍ରେସର ସଭାପତି ବିଜୁବାବୁ ନିର୍ବାଚନ ଲଢ଼ିବା ଲାଗି ଖର୍ଚ୍ଚ ବାବଦକୁ ଯାହା ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ରାଜକିଶୋର ଅଧା ଖର୍ଚ୍ଚ କରି ବାକି ଫେରାଇ ଦେଇଥିଲେ । ଏଥିରୁ ତାଙ୍କ ସଚ୍ଚୋଟତା ସ୍ପଷ୍ଟ ଅନୁମେୟ । ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏହା ଏକ ବିରଳ ଘଟଣା । ରାଜନୀତିରୁ ଅବସର ପରେ ଗୋସେବାରେ ସେ ସମୟ ବିତାଉଥିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ସେ ଭାଙ୍ଗି ପଡ଼ିନଥିଲେ । ଶେଷ ପର୍ଯ୍ୟନ୍ତ ଅସୁରେଶ୍ୱର ସ୍ଥିତି ଗୋଶାଳର ଦେଖାଶୁଣା କରିଥିଲେ । ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୧୦ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

ସମସାମୟିକ ଓଡ଼ିଶା ରାଜନୀତିରେ ତାଙ୍କ ପରି ଜଣେ ନିର୍ବିବାଦୀୟ, ଗାନ୍ଧୀବାଦୀ, ସାଧୁତା ଓ ସଚ୍ଚୋଟତା, ରାଜନୀତିକୁ ସେବା ଭାବୁଥିବା ନେତୃତ୍ୱ ଅତ୍ୟନ୍ତ ବିରଳ । ଓଡ଼ିଶାବାସୀ ତାଙ୍କୁ ଚିରକାଳ ମନେ ରଖିବେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ପାଟକୁରା ଗାନ୍ଧୀ ଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ସୁଯୋଗ୍ୟ ଦାୟଦ ଯିଏକି ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି ସେ ହେଉଛନ୍ତି ଆଜିର ବିଜେଡ଼ି ଦଳର ଅନ୍ୟତମ ମାର୍ଗ ପୁରୋଧା, ଯୁବନେତୃତ୍ୱର ଅଧିକାରୀ ତଥା ନବୀନ ବାବୁଙ୍କ ଅତ୍ୟନ୍ତ ଅନୁଗତ ଓ ବିଶ୍ୱସ୍ତ ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ । ଏହି ଲେଖକ ତାଙ୍କର ସାନ୍ନିଧ ଓ ବ୍ୟକ୍ତିଗତ ସ୍ନେହ ଭଲପାଇବା ଯାହା ପାଇଛି ତାହା ଚିରସ୍ମରଣୀୟ ହୋଇ ରହିବ । ଆସନ୍ତୁ ଆଜିପରି ସ୍ମରଣୀୟ ଦିନରେ ଏପରି ଦିନରେ ଜଣେ ସ୍ମରଣୀୟ ଓ କିମ୍ବଦନ୍ତୀ ମହାନାୟକ ସଂଗ୍ରାମୀ ରାଜନେତାଙ୍କୁ ସ୍ମରଣ କରିବା । ତାଙ୍କ ଅବିସ୍ମରଣରେ କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶା ପ୍ରଗତି କରୁ ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

କେନ୍ଦ୍ରାପଡ଼ା,
ଦୂରଭାଷ : ୯୪୩୭୬୦୭୯୦୦

## ଜୀବନଯାତ୍ରା

**ଅନୀତା ପଟ୍ଟନାୟକ**

ଆତ୍ମାନନ୍ଦ, ବିବେକାନନ୍ଦ, ହରିହରାନନ୍ଦ ଏହିପରି ତିନି ଜଣ ବନ୍ଧୁଥିଲେ । ଏହି ତିନି ବନ୍ଧୁ ଶବ ସଂସ୍କାର କରିବାକୁ ଭାରି ଭଲ ପାଉଥିଲେ । ଆତ୍ମାନନ୍ଦର ଧାରଣା ଥିଲା ଯେ ଶରୀର ଯେପରି ପୁରୁଣାବସ୍ତୁ ତ୍ୟାଗ କରି ନୂତନ ବସ୍ତୁ ଧାରଣ କରେ ସେହିପରି ଆତ୍ମା ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଶରୀରରେ ପ୍ରବେଶ କରେ । ତେଣୁ ଶବଦାହ ସମୟରେ ସେ ହାତଯୋଡ଼ି ଗୀତାର ଏକ ଶ୍ଳୋକ ପାଠ କରୁଥିଲା 'ବାସାଂସି ଜୀର୍ଣ୍ଣାନି ଯଥା ବିଦାହ ନବାନି ଗୃହ୍ନାତି ନରୋପରାଣେ, ତଥା ଶରୀରାଣି ବିଦାୟ ଜୀର୍ଣ୍ଣ, ନ୍ୟନ୍ୟାନି ସଂଯାତି ନବାନି ଦେବୀ' ।

କିଛି ଦିନ ପରେ ତିନ ବନ୍ଧୁ ଜଣେ ସ୍ତ୍ରୀ ଲୋକ କାନ୍ଦି କାନ୍ଦି ଘରକୁ ଧଉଳାଇବା ସହିତ ତାଙ୍କ ସ୍ୱାମୀଙ୍କର ସମସ୍ତ ଲୁଗାପଟା ଗରୀବ ଲୋକମାନଙ୍କୁ ଦେଇ ଦେଉଥିଲେ । ହରିହରାନନ୍ଦ ଏହାର କାରଣ ପଚାରିବାରୁ ସ୍ତ୍ରୀ ଲୋକ ଜଣକ କହିଲେ ମୋର ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଛି ଆମଘରେ କେହି ନାହାନ୍ତି ଏହି ଲୁଗାପଟା କ'ଣ ହେବ ମୁଁ ବାଣ୍ଟି ଦେଉଛି । ହରିହରାନନ୍ଦ ବିବେକାନନ୍ଦଙ୍କୁ କହିଲେ, ବନ୍ଧୁମାନେ ଏ ଧନ ସମ୍ପତ୍ତି, ଲୁଗାପଟା, ମଣିଷର ନୁହେଁ । ବିବେକାନନ୍ଦ ଗମ୍ଭୀର ହୋଇଇ କହିଲେ ତୁମେ ଠିକ କହିଛ । ଏସବୁ ପୃଥିବୀର । ହରିହରାନନ୍ଦ କହିଲେ ମୋର ବା ମଣିଷ ମାନଙ୍କର ସ୍ଥିତି କଣ ? ବିବେକାନନ୍ଦ ପୁଣି ଗମ୍ଭୀର ହୋଇ କହିଲେ ତୁମେ କେବଳ ସମୟର ଦାସ । ସମୟ ହିଁ ଭଗବାନ । ଧନ ସମ୍ପତ୍ତି ଠୁଳ କରିବା, ଲୁଗାପଟା କିଣି ଆସବାବପତ୍ର କିଣି ଘରକୁ ଭରିବା ଧନର ଅପଚୟ ମାତ୍ର । ହରିହରାନନ୍ଦ କହିଲେ ତେବେ ମୋ ଭିତରେ ଓ ମଣିଷ ଭିତରେ କଣ କିଛି ପ୍ରତିଭା ନାହିଁ । ସେ ସବୁର ଅବସ୍ଥା କ'ଣ ? ଆତ୍ମାନନ୍ଦ କହିଲେ ସବୁ ମନୁଷ୍ୟ ପରିସ୍ଥିତିର ଦାସ । କି ପ୍ରତିଭା କଥା କହୁଛ । ପରିସ୍ଥିତି ପ୍ରତିଭାର ସୁଯୋଗ ସୃଷ୍ଟି କରେ । ସମସ୍ତେ ପରିସ୍ଥିତିର ଦାସ । ହରିହରାନନ୍ଦ ବିବେକାନନ୍ଦଙ୍କ ଆଡ଼କୁ ଅନାଇ କହିଲେ ତାହେଲେ ଏ ଶରୀର କଣ ମନୁଷ୍ୟର ନୁହଁ ? ତାହେଲେ ମଣିଷ ପୃଥିବୀରେ ଏତେ ବ୍ୟତିବ୍ୟସ୍ତ କାହିଁକି ? ବିବେକାନନ୍ଦ ଗମ୍ଭୀର ସ୍ୱରରେ କହିଲେ, ଏ ଶରୀର ମାଟିର ଦିନେ ଏହି ମାଟିରେ ମିଶିଯିବ ।

ଆତ୍ମାନନ୍ଦ ବିବେକାନନ୍ଦଙ୍କ କଥାରେ ଆଶ୍ଚର୍ଯ୍ୟ ହେଲେ । କହିଲେ ମଣିଷ ଜୀବନରେ କୌଣସି ସମୟରେ ତାର ନିଜର ବୋଲି କଣ କିଛି ନଥିଲା ? ତାହେଲେ ଆମେ ମଣିଷମାନେ ଏ ପୃଥିବୀରେ କଣ କରୁଛୁ । ଏ ଜୀବନ ତାହେଲେ କଣ ? ତିନି ବନ୍ଧୁ ଦେଖିଲେ ସେମାନଙ୍କର ବାମ ପାଖରେ ଗୋଟିଏ ଶବୁ କାନ୍ଧେଇ କିଛି ଲୋକେ ରାମ ନାମ ସତ୍ୟ ହେ, ହରିନାମ ସତ୍ୟ ହେ କହି ଶ୍ମଶାନ ଆଡ଼କୁ ଗତି କରୁଛନ୍ତି । ପୁରୁଣା ଅଭ୍ୟାସ ଥିବାରୁ ତିନି ବନ୍ଧୁ ଉକ୍ତ ଶୋଭାଯାତ୍ରାରେ ଯୋଗ ଦେଲେ । ଯୁଇରେ ଶବଟି ପୋଡ଼ି ନିଶ୍ଚିହ୍ନ ହୋଇଗଲା । କେବଳ ପାଉଁଶ ରହିଗଲା । ପୁଅଟିଏ କାନ୍ଦି କାନ୍ଦି ଗୋଟିଏ ହାଣ୍ଡିରେ ବାପାଙ୍କର କିଛି ଅସ୍ଥି ଘରକୁ ଧରି ବାହୁଡ଼ିଲା । କଣ କରିବ ? ଠିକ ବାରଦିନ ପରେ ତାର ଆମେରିକାକୁ ଫେରିଯିବାର ଟିକେଟ ସେ କାଟି ରଖିଥିଲା । ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଉଥିଲା ଠିକ ସମୟରେ ମୋର ପିତାଙ୍କୁ ନେଇ ଯାଇଛ । ମୋର କର୍ତ୍ତବ୍ୟରେ ଅବହେଳା କରି ନାହିଁ । ଯାହାହେଉ ଆମେରିକାର ମୋର ଚାକିରୀଟି ସୁରକ୍ଷିତ ରହିବ ।

ଆତ୍ମାନନ୍ଦ ଓ ହରିହରାନନ୍ଦ ଏକ ସ୍ୱରରେ ପୁଣି ବିବେକାନନ୍ଦଙ୍କୁ ପଚାରିଲେ, ଏ ଜୀବନ ତେବେ କଣ ? ଧନ, ସମ୍ପତ୍ତି, ପ୍ରତିପତ୍ତି, ପ୍ରତିଭା ଯଦି କିଛି ନୁହେଁ ବିବେକାନନ୍ଦ ଗମ୍ଭୀର ହୋଇ କହିଲେ ତୁମେ କଟାଉଥିବା ମୁହୂର୍ତ୍ତ ଗୁଡ଼ିକ କେବଳ ତୁମର । ଜୀବନ କେତେକ ମୁହୂର୍ତ୍ତର ସମାହାର । ତେଣୁ ସତକର୍ମରେ ମନୁଷ୍ୟ ପ୍ରତି ମୁହୂର୍ତ୍ତକୁ କାର୍ଯ୍ୟରେ ବିନିଯୋଗ କରିବା ଆବଶ୍ୟକ । ମନୁଷ୍ୟର ମୃତ୍ୟୁରେ ପରିବାର, ସମାଜ, ଦେଶର କ୍ଷତି ହୋଇପାରେ, ଏ ପୃଥିବୀର ନୁହେ ଓ କହିଲେ - 'ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣସୁଦତ୍ୟତେ, ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ, ପୂର୍ଣ୍ଣମେବାବଶିଷ୍ୟତେ ।'

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,
କଟକ,
ମୋ : ୯୬୯୨୯୮୦୦୨୬

## ବିଶ୍ୱ ବ୍ରେଲି ଦିବସ ଓ ଲୁଇସ୍ ବ୍ରେଲି

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଅନ୍ଧ (ଦୃଷ୍ଟିହୀନ) ମାନଙ୍କ ପାଇଁ ବ୍ରେଲି ଲିପି ଉଦ୍ଭାବନ ପାଇଁ ଲୁଇସ୍ ବ୍ରେଲି ଜଗତ ପ୍ରସିଦ୍ଧ । ଏହି ମହାନ ବ୍ୟକ୍ତିଙ୍କ ଜନ୍ମ ଫ୍ରାନ୍ସର କପ୍‌ଭ୍ରେ ଠାରେ ୧୮୦୯ ମସିହା ଜାନୁଆରୀ ୪ ତାରିଖରେ ହୋଇଥିଲା । ମାତ୍ର ୩ ବର୍ଷ ବୟସରେ ଦୁର୍ଘଟଣାବଶତଃ ସେ ଅନ୍ଧ ହୋଇଯାଇଥିଲେ । ପିଲାବେଳୁ ଚକ୍ଷୁ ହରାଇଥିଲେ ମଧ ଲେଖାପଢ଼ାରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । ୧୫ବର୍ଷ ବୟସରେ ବ୍ରେଲି ସ୍କୁଲରେ ପଢୁଥିବାବେଳେ ସେ ନିଜର ଅସାଧାରଣ ଦକ୍ଷତାର ପରିଚୟ ଦେଇଥିଲେ । ଏହି ସମୟରେ ସେ ବ୍ରେଲି ଲିପିର ଉଦ୍ଭାବନ କରିଥିଲେ । ବ୍ରେଲି ଲିପି ସାଧା କାଗଜ ଉପରେ ଅକ୍ଷର ଗୁଡ଼ିକ ଉପରକୁ ଉଠି ରହିଥିଲା । ଯାହାକୁ ଛୁଇଁ ଏବଂ ଅନୁଭବ କରି ଅନ୍ଧ ଲୋକମାନେ ଆରାମରେ ପଢ଼ି ପାରିଲେ । ଲୁଇସ୍‌ଙ୍କ ଦେହାନ୍ତ ପରେ ତାଙ୍କରି ସ୍କୁଲରେ ପ୍ରଥମ ଥର ପାଇଁ ବ୍ରେଲି ଲିପିକୁ ଗ୍ରହଣ କରାଗଲା । ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାପୀ ବ୍ରେଲି ଲିପି ବହୁଳ ଭାବେ ବ୍ୟବହୃତ ହେଲା । ପରବର୍ତ୍ତୀ ସମୟରେ ଏହା ଅନ୍ଧମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ବର୍ତ୍ତମାନ ଲୁଇସ୍ ଉଦ୍ଭାବନ କରିଥିଲା ବ୍ରେଲି ଲିପିର ବିକଶିତ ରୂପ ବ୍ୟବହୃତ ହେଉଛି । ସମାଜ ପ୍ରତି ବୃହତ୍ତର ଅବଦାନକୁ ଦୃଷ୍ଟିରେ ରଖି ବ୍ରେଲିଙ୍କ ଜନ୍ମ ଦିବସ ଅର୍ଥାତ୍ ପ୍ରତିବର୍ଷ ଜାନୁଆରୀ ୪ତାରିଖକୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଇଥାଏ ।

ବିଶ୍ୱରେ କେହି ନୁହଁନ୍ତି ଅକ୍ଷମ । ଶାରୀରିକ ଭାବେ କାହାରି ଠାରେ କୌଣସି ଅଙ୍ଗର କାର୍ଯ୍ୟ କ୍ଷମତା କମ୍ ଥିଲେ ମଧ ମନୋବଳ, ଉତ୍ସାହ ଓ ଆଗ୍ରହ ସମସ୍ତଙ୍କୁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଇପାରିଥାଏ । ଭାଗବତରେ କୁହାଯାଇଛି ପଙ୍ଗୁ ଲଂଘତେ ଗିରି । ଅର୍ଥାତ୍ ଦୃଢ଼ ଇଚ୍ଛା ଶକ୍ତି ଥିଲେ ସବୁ କାର୍ଯ୍ୟ ସମ୍ଭବ । ସେଇଥି ପାଇଁ ତ ବିଶ୍ୱରେ ଅନେକ ବ୍ୟକ୍ତି ଏ ଦୁନିଆର ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ବଞ୍ଚିତ ହୋଇ ମଧ୍ୟ, ଅନ୍ୟମାନଙ୍କ ପାଇଁ ପାଲଟି ଯାଇଛନ୍ତି ଆଦର୍ଶ ଓ ଚିରସ୍ମରଣୀୟ । ମନେ ପକାନ୍ତୁ ଥରେ ଓଡ଼ିଶାର ସନ୍ଥକବି ଭୀମଭୋଇଙ୍କୁ । ଆଜନ୍ମ ଦୃଷ୍ଟିହୀନ ଭୀମଭୋଇ ଯେଉଁ ସୃଷ୍ଟି ରଚିଯାଇଛନ୍ତି, ତାହା କ'ଣ ଜଣେ ଦୃଷ୍ଟିଶକ୍ତିଯୁକ୍ତ ସ୍ରଷ୍ଟାର ଲେଖା ସହ ସମତୁଲ ହୋଇପାରିବ ? ସେମିତି ବିଶ୍ୱର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ହେଲେ ଲୁଇସ୍ ବ୍ରେଲି । ୩ବର୍ଷ ବୟସରେ ଏକ ଦୁର୍ଘଟଣାରେ ନିଜର ଦୁଇ ଚକ୍ଷୁକୁ ହରାଇବା ପରେ ସେ ଅନୁଭବ କରିଥିଲେ ଅନ୍ଧତ୍ୱର ଦୁଃଖ କ'ଣ । ସେହି ଅଭାଗାମାନଙ୍କ ଦୁଃଖକୁ ହରଣ କରିବା ପାଇଁ, ସମାଜରେ ଅନ୍ୟମାନଙ୍କ ଭଳି ଏକ କରି ଗଢ଼ି ତୋଳିବା ପାଇଁ ସେ ଉଦ୍ଭାବନ କଲେ ବ୍ରେଲି ଅକ୍ଷର । ଦୃଷ୍ଟିହୀନ ସତ୍ତ୍ୱେ ନିଜର ଦୃଢ଼ ଇଚ୍ଛା ଶକ୍ତିବଳରେ ସେ ପାଠ ପଢ଼ିବାକୁ ଚେଷ୍ଟା କରିଥିଲେ । ତାହାରି ମଧ୍ୟରେ ମାତ୍ର ୧୫ବର୍ଷ ବୟସରେ ସେ ବ୍ରେଲି ଅକ୍ଷର ଉଦ୍ଭାବନ କରିଥିଲେ । କାଗଜ ପୃଷ୍ଠାରେ ସେ କେତୋଟି ଡଟ୍‌କୁ ଲେଖି ତାହାକୁ ହାତର ସ୍ପର୍ଶରେ ଅନୁଭବ କରି ଚିହ୍ନିବାକୁ ଚେଷ୍ଟା କରିଥିଲେ ଅକ୍ଷର । ଆଉ ତାହା ନିଜ ଅନୁଭୂତିରେ ସଫଳ ହେବା ପରେ ଏହି ଅକ୍ଷରଗୁଡ଼ିକର ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ଯାହାକି ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାପୀ ବ୍ରେଲି ଲିପି ବହୁଳ ଭାବେ ବ୍ୟବହୃତ ହେଲା । ପରବର୍ତ୍ତୀ ସମୟରେ ଏହା ଅନ୍ଧମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ବର୍ତ୍ତମାନ ଲୁଇସ୍ ଉଦ୍ଭାବନ କରିଥିଲା ବ୍ରେଲି ଲିପିର ବିକଶିତ ରୂପ ବ୍ୟବହୃତ ହେଉଛି । ସମୟରେ ବ୍ରେଲି ଭାଷା ଭାବେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ତେଣୁ ଲୁଇସ୍ ବ୍ରେଲିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମଦିନକୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଏ । ୧୮୦୯ ମସିହା ଜାନୁଆରୀ ୪ ତାରିଖରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ ଲୁଇସ୍ ଏବଂ ୧୮୫୨ ମସିହା ଜାନୁଆରୀ ୬ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ଏହି ମହାନ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ଭାରତ ଓ ବେଲଜିୟମରେ ସ୍ୱତନ୍ତ୍ର ମୁଦ୍ରା ପ୍ରଚଳିତ ହୋଇଛି ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',
ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୬୭୬୦

## ପ୍ରବାସୀ ଭାରତୀୟ ଦିବସ ଓ ବିକଶିତ ଭାରତର ନକ୍ସା

**ଡ଼ଃ.ଅରୁନ୍ଧତୀ ଦେବୀ**

ଅନୁଭବ ଓ ଅନୁଭୂତିର କଥା ବଖାଣିବା ସହ ବିକଶିତ ଭାରତ ତିଆରି ପାଇଁ ନୂତନ ନକ୍ସା ଗଢ଼ିବା ସହ ପ୍ରବାସୀମାନେ ପ୍ରବାସୀ ଭାରତୀୟ ଦିବସରେ ଦିଗଦର୍ଶନ ଦେବାକୁ ଯାଉଛନ୍ତି । ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ଠାରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ସୂଚନାଥାଉକି ୨୦୦୩ ମସିହାରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ଭାରତର ବିକାଶ ରଥକୁ ଆଗକୁ ନେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ସହ ଏହି ତିନିଦିନିଆ ସମ୍ମିଳନୀରେ ପାଞ୍ଚଟି ସ୍ୱତନ୍ତ୍ର ବିଷୟକୁ ନେଇ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରଥମ ଦିନ 'ବିଶ୍ୱରେ ପ୍ରବାସୀ ଯୁବ ନେତୃତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଏବଂ ରାଜ୍ୟର ଭବିଷ୍ୟତ ଯୋଜନା ଓ ପ୍ରବାସୀଙ୍କ ସହଯୋଗ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହେବ । ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଏହି ଦିବସ ପାଳନର ତାତ୍ପର୍ଯ୍ୟତା କ'ଣ ? ଏଠାରେ ସ୍ମରଣ କରିଦିଆଯାଇପାରେ ଯେ ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଅର୍ଥାତ୍ ଆଜକୁ ୧୧୦ ବର୍ଷ ତଳେ ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିବାରୁ ତାଙ୍କ ସମ୍ମାନ ସ୍ୱରୂପ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ଏହାର ପରିକଳ୍ପନା ହୋଇଥିଲା । ଗତ ୨୦୨୩ରେ ମଧ୍ୟପ୍ରଦେଶରେ ୧୭ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗାମୀ ୨୦୪୭ ମସିହାରେ ସ୍ୱାଧୀନ ଭାରତ ବର୍ଷ ଶତାୟୁସମ୍ପନ୍ନ ହେବ । ଏବଂ ସେହି ଶତାବ୍ଦୀ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ପ୍ରସ୍ତୁତ ଅର୍ଥନୀତିକ ରୋଡ଼ମ୍ୟାପକୁ ସାକାର କରିବା ପାଇଁ ପ୍ରବାସୀ ଭାରତୀୟଙ୍କ ବହୁମୁଖୀ ଯୋଗଦାନର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ପ୍ରବାସୀଙ୍କ ପୁଞ୍ଜି ନିବେଶ ଭାରତ ବର୍ଷର ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅବଦାନ । ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଦରିଆପାରିରେ ରହୁଥିବା ଆମ ପ୍ରବାସୀ ଭାଇଭଉଣୀମାନେ ଭାରତ ସରକାର ଓ ଆମ ମାନଙ୍କ ସହ ଯୋଡ଼ି ହେବାପାଇଁ ଏହି ମଞ୍ଚ ବେଶ ବ୍ୟବସ୍ଥିତ ଢ଼ଙ୍ଗରେ ସେତୁ ସ୍ଥାପନ କରିଥାଏ । ଓଡ଼ିଶାର ଭୁବନେଶ୍ୱରରେ ଏହି ମର୍ଯ୍ୟାଦାଜନକ ସମାରୋହ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୭ ହଜାର ଜଣ ଅତିଥି ଓ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇବା ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି । ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ୧୦ ତାରିଖରେ ଉଦାଜପାନୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଯୋଗ ଦେବେ । ଦ୍ୱିତୀୟ ଅଧିବେଶନରେ ପ୍ରବାସୀଙ୍କ ଦକ୍ଷତା କାହାଣୀ, ତୃତୀୟ ଅଧିବେଶନରେ ସବୁଜ ସଂଯୋଗ, ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଶୀର୍ଷକ ଚର୍ଚ୍ଚା ହେବ । ଚତୁର୍ଥ ଅଧିବେଶନରେ ପ୍ରବାସୀ ଦିବସ : ମହିଳା ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ଏବଂ ଶେଷ ତଥା ପଞ୍ଚମ ଅଧିବେଶନରେ ସଂସ୍କୃତି, ସଂଯୋଗ ଓ ସମ୍ପୃକ୍ତିର କାହାଣୀ ଶୀର୍ଷକରେ ଆଲୋଚନା ହେବ । ଭାରତ ଏକ ଭୂଗୋଳ ଆବଦ୍ଧ ଆୟତନର କ୍ଷେତ୍ର ନୁହେଁ ଏହା ଏକ ନିରନ୍ତର ଐତିହାସିକ ସଭ୍ୟତା ଯାହା ପ୍ରବାସୀ ଭାରତୀୟଙ୍କ ପ୍ରସଙ୍ଗକୁ ଜୈବିକ ସୂତ୍ରରେ ଗୁନ୍ଥି ରଖିବାରେ ସମର୍ଥ ହୋଇଛି । ମହାନ ଭାରତର ସଂସ୍କୃତି ତଥା ଗଣତନ୍ତ୍ର, ସମ୍ବିଧାନ, ମାନବ ସମ୍ବଳ ଓ ବ୍ୟାପକ ବଜାର ନାନା ପ୍ରକାରର ମନ ପସନ୍ଦର ସୁବିଧା ସୁଯୋଗ ଯୋଗାଇବାରେ ଏକ ଶ୍ରେଷ୍ଠ କ୍ଷେତ୍ର ବୋଲି ସମଗ୍ର ବିଶ୍ୱ ବିଦିତ । ସେହିଭଳି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି । ପ୍ରବାସୀ ମାନେ ବିକଶିତ ଭାରତର ନକ୍ସା ଆଙ୍କିବେ ଓ ଏହି ବ୍ୟାପକ କାର୍ଯ୍ୟକ୍ରମ ଆବେଗିକ ଓ ପ୍ରୀତି ଡ଼ୋରିକୁ ଆହୁରି ମଜଭୁତ କରିବାର ଏକ ଅପୂର୍ବ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ

### ପାପ ପୁଣ୍ୟ

**ବିଦ୍ୟାଧର ସେଠୀ**



ଖାଲି ଯାହା ଶୋଷ ମେଣ୍ଟାଇବାର
ଅଭିଳାଷ ହିଁ ଥିଲା ଶିଶୁଟିର
ସେ କଣ ଜାଣିଥିଲା ଯେ
ପାଣି ଭର୍ତ୍ତି ମାଟି ସୁରେଇକୁ
ଛୁଇଁଲେ ପାପ... ?
ଅବୋଧ ଶିଶୁଟି ହୁଏତ ଜାଣିନଥିଲା
ପାପ ପୁଣ୍ୟର ଏ ଚକ୍ରବ୍ୟୂହ
ଯଦି ବା ଜାଣିଥାନ୍ତା ମାରି
ଦେଇଥାନ୍ତା କି
ବିନା ପାଣିରେ ତା'ର
ସବୁତକ ଶୋଷ.... ?
ଜୀବନର ଅନ୍ୟ ନାମ
ବୋଧହୁଏ ଯନ୍ତଣା
ଏହାକୁ ସ୍ୱୀକାର ନକରିବା ହିଁ
ଆତ୍ମ ପ୍ରବଞ୍ଚନା
ପାପୁଲିରେ ପୁଳାପୁଳା ଲାଞ୍ଛନାକୁ
କେତେ ବା ସହିଥାନ୍ତା ଶିଶୁଟି
ବରଂ ପାପ ପୁଣ୍ୟର ନକ୍ସାକୁ
ବୁଝିବା ପୂର୍ବରୁ
ହାତ ଠାରି ଡାକୁଥିଲା
ତାକୁ କାଳ ।
ଗୁରୁ ହିଁ ଶ୍ରେଷ୍ଠ,
ସେ ଶିକ୍ଷାଦାତା ମୁକ୍ତିଦାତା
ନିର୍ବାଣ ବି ଦେଇପାରନ୍ତି
ନିଜ ଇସାରାରେ
ଆଙ୍ଗୁଠି ବି ଦକ୍ଷିଣା ନିଅନ୍ତି କେବେ ।
ଏବେ ମାନବିକତାର ମାନଚିତ୍ରରେ
ମାଟି ସୁରେଇ ବେଳେ ଦୃଶ୍ୟ
ପୁଣି ଅଦୃଶ୍ୟ
ଏହା ବିଦ୍ୱେଷର ଗରଳ ନା
ସଭ୍ୟତାର କଳଙ୍କ
ଶୁଖୁ ନଥିବା ଘା' କୁ ଲୁଚାଇବା
ପାପ ନା ପୁଣ୍ୟ.... !

+ବ୍ୟକ୍ତିଗତ ସହାୟକ
ଜିଲ୍ଲା ପରିଷଦ କାର୍ଯ୍ୟାଳୟ
ବାଲେଶ୍ୱର, ଓଡ଼ିଶା
ଫୋନ - ୯୯୩୭୮୩୫୮୭୭

### ନବ ସାଲ୍‌ର ସନ୍ଧ୍ୟା

**ପ୍ରଶ୍ନ କୁମାର ଶତପଥୀ**

ଚଳିତ ନବ ସାଲ୍ ର ସନ୍ଧ୍ୟା
ସନ୍ଦେଶ ଭସାଇ ଆସିଲା
ଶୂନ୍ୟପଥସାରା,
ଘେରିଗଲା ବାଦଲ,
ମଳିନ ଦିଶିଲା ଜହ୍ନ,
ଝାପ୍‌ସା ଝାପ୍‌ସା
ଏଇ ମୋ ଧରା,
ବାଦଲ ଶୂନ୍ୟସ୍ଥାନରୁ
ପୁଞ୍ଜା ପୁଞ୍ଜା ଦିଶନ୍ତି ତାରା,
ସନ୍ଧ୍ୟା ପଲ୍ଲୀପୁର ସହର
ନାନା ଆଲୋକେ ଆଲୋକିତ,
ନୂତନ ଭାବ ମନେ ଶିହରିତ
ଶୀତର ପ୍ରଭାବ ଥୟ
ସ୍ଥିର ହୀନ ବଉଦ ପାଇଁ ।
ସେମାନେ ଫେରୁଥିଲେ ପଥରେ
ସେମାନେ ସବୁ ଫେରୁଥିଲେ,
ନବ ବର୍ଷ ପାଳନ କରି
ନଈନାଳରୁ,ବଣ ଜଙ୍ଗଲରୁ,
ଚାଳିତ ଯାନ ଧରି ରାସ୍ତାରେ,
ଆଉ କିଛି ନବ ବର୍ଷକୁ
ସ୍ୱାଗତ ସ୍ୱାଗତ କରି
ନିଜ ସ୍ଥାନକୁ
ଗୀତ ଗାଇ ଗାଇ
ଫେରି ଆସୁଥିଲେ ରାସ୍ତାରେ ।

+ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ





# କବିତା
ତୁମ ପାଇଁ

## କୁନା ଖୋଜିଲା ନୂଆ ବରଷ
### ରମେଶ ଚନ୍ଦ୍ର ନାୟକ

ନୂଆ ବରଷ ଆସିବ ବୋଲି
କୁନା ଆଖିକୁ ନିଦ ଯେ ନାହିଁ ,
ସକାଳ ହେଲେ ଦେଖିବ ସିଏ
ଡାକିବ ତାକୁ ଖେଳିବା ପାଇଁ ।

ରାତି ପାହିଲା ସକାଳ ହେଲା
କୁନା ଖୋଜିଲା ନୂଆ ବରଷ ,
କ୍ୟାଲେଣ୍ଡର ଟା ଦେଖାଏ ମାଆ
ମୁହେଁ ଫୁଟାଏ ମୁରୁକି ହସ ।

ଅଝଟ ମନ ବୁଝିଲା ନାହିଁ
ଦେଖିବ ବୋଲି ଅଳି ସେ କଲା ,
କହିଲେ ମାଆ ଗାଧୋଇ ପଡ
ପିନ୍ଧ ପୋଷାକ ଖୋଜିବା ଭଲା ।

ବାପା ମା' ସାଥେ ଗଲା ମନ୍ଦିର
ଜୁହାର ହୋଇ ଖାଇଲା ଭୋଗ ,
ଫେରିବା ବାଟେ କିଣିଲା ସିଏ
କେତେ ଖେଳନା ହୋଇ ସରାଗ ।

ପୁଣି ଚାଲିଲେ ବଜାର ଆଡ଼େ
କିଣି ଆଣିଲେ ଖାସି ମାଉଁସ ,
ବାପାଙ୍କ ସାଥେ ଖାଇବ କୁନା
ନୂଆ ବରଷେ ହୋଇ ହରଷ ।

ଖାଇଲା ବେଳେ ଖୋଜିଲା କୁନା
ନୂଆ ବରଷ କୁଆଡ଼େ ଗଲା ,




ବାପା କହିଲେ ଖାଇଦେ ତୁହି
ସନ୍ଧ୍ୟାରେ ସିଏ ଆସିବ ଭଲା ।

ବୁଲି ସେ ଗଲା ବାପା ମା' ସାଥେ
ସାଥିରେ ନେଇ ମିଠା ପ୍ୟାକେଟ,
ବନ୍ଧୁ ବାନ୍ଧବ ପିଲାଙ୍କ ମେଳେ
ଖୁସିରେ ଖେଳି ଦେଖିଲା ନାଟ ।

ଫୁଟଇ ବାଣ ବାଜଇ ବାଜା
ଶବଦ ଶୁଭେ କୁନା କାନର ,
ଦେଖିଲା ନାହିଁ ନୂଆ ବରଷ
କଳା କି ଗୋରା ରୂପ ତାହାର ।

ମନ ଚଞ୍ଚଳ ଘର ବାହାର
ଖୋଜିଲା କୁନା ନୂଆ ବରଷ ,
ତାକୁ ନପାଏ ଦୁଃଖିତ ହୁଏ
ଅମୃତ ମନ ହୁଅଇ ବିଷ ।

ମାଆ କୋଳରେ ଶୋଇକି କୁନା
ପଚାରେ ନୂଆ ବରଷ କାହିଁ ,
ମାଆ ଶୁଣାନ୍ତି ପରୀ କାହାଣୀ
ନିଦରେ କୁନା ପଡ଼ିଲା ଶୋଇ ।

+ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

# ଭଲ କାମ ପାଇଁ ଆଗୁଆ ହେବା
### ରମେଶ ଚନ୍ଦ୍ର ଦାଶ

ଗୋଟିଏ ସ୍ଥାନରେ ଅଧିକ ଦିନ ଚାକିରି କରିବା ପରେ ଅନ୍ୟତ୍ର ବଦଳି ହେବାର ନିୟମ ଥିଲେ ବି ହାତୀ ଦରବାରରେ ହନୁ ଦୀର୍ଘଦିନ ଧରି ରହିବା ଦେଖି ବିଲୁଆ, ଗଧିଆ, ଶାଗୁଣା, ବଣି, ଅଜଗର ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କେହି ମୁହଁ ଖୋଲି କିଛି କହିପାରୁନଥିଲେ ମଧ୍ୟ ସମସ୍ତଙ୍କ ମନରେ ଅଶାନ୍ତି ରହିଥାଏ । ସାମାନ୍ୟ ଟିକେ ତ୍ରୁଟି ଦେଖିଲେ ଅନ୍ୟମାନଙ୍କୁ ଦଣ୍ଡ ଦିଆଯାଉଥିବା ବେଳେ ଭାଲୁ ଯେତେ ଦୋଷ କଲେ ବି ଛାଡ଼ । ହାତୀର ଏଭଳି ନୀତି ବିରୋଧରେ ବଣର ସବୁ ପଶୁପକ୍ଷୀମାନେ ଦିନେ ଏକାଠି ହେଲେ । ସେଠାରେ ବାଘ ଓ ସିଂହ ନଥିବାରୁ ହାତୀ ରଜା ହୋଇଥାଏ ।

ବିଲୁଆର ନେତୃତ୍ୱରେ ଗୋଟିଏ ଦଳ ଯାଇ ହାତୀକୁ ଭେଟି ସେମାନଙ୍କର ଅଭିଯୋଗ ଜଣାଇବାକୁ ସ୍ଥିର କରାଗଲା । ସେହି ଅନୁସାରେ ଦିନେ ବିଲୁଆ ଓ ତାର କେତେକ ସାଥିଙ୍କୁ ଧରି ହାତୀ ପାଖକୁ ଗଲା । ସେମାନଙ୍କର ଅଭିଯୋଗକୁ ହାତୀ ଶୁଣିଲା ନାହିଁ । ସେ ଓଲଟି କହିଲା- ମୁଁ ରାଜା । ମୋର ଇଚ୍ଛା ଯାହା ହେବ, ମୁଁ ତାହା କରିବି । ମୋତେ ଏଥିରେ ଯେଉଁମାନେ ବାଧାଦେବେ ସେମାନେ ରାଜଦ୍ରୋହ ଅପରାଧରେ ଦଣ୍ଡିତ ହେବେ । ସବୁଠାରୁ ବଡ଼ ଅପରାଧ ହେଉଛି ରାଜଦ୍ରୋହ ଅପରାଧ । ତାର ଦଣ୍ଡ ବହୁତ କଡ଼ା । ହାତୀଠାରୁ ଏ ସଂପର୍କରେ ଶୁଣି ବିଲୁଆ ପଛରୁ ସମସ୍ତେ ଖସିବାକୁ ଲାଗିଲେ । ବିଲୁଆ ଯେତେବେଳେ ମତାମତ ପାଇଁ ପଛକୁ ଚାହିଁଲା, ଦେଖିଲା କେହିନାହିଁ ।



ପ୍ରଥମେ ସେ ଟିକେ ଡରିଗଲା । ତଥାପି ସାହସ ସଂଚୟ କରି କହିଲା- ମହାରାଜ, ରାଜା ହେଉଛନ୍ତି ସବୁଠାରୁ ବଡ଼ ଏକଥା ମୁଁ ଜାଣେ । କିନ୍ତୁ ରାଜା ଜାଣିଶୁଣି ଅନ୍ୟାୟ କରନ୍ତି, ଏକଥା ମୁଁ ଆଜି ଜାଣିଲି ।

ବିଲୁଆ ଟିକେ ଅଟକି ପୁଣି କହିଲା-ଠିକ୍ ଅଛି । ଆପଣଙ୍କର ଏହିକଥା ସମସ୍ତଙ୍କୁ ଜଣାଇଦେଉଛି ତାପରେ ଯାହାହେବ ଆପଣ ଜାଣିବେ । ରାଜା ଖୁବ୍ ଜୋର୍‌ରେ ରାଗିଯାଉଥିଲେ କିନ୍ତୁ ମନ୍ତ୍ରୀ ଭଲ୍ଲୁକ ଅଟକାଇ କହିଲା- ମହାରାଜ, ଜଣେ ପ୍ରଜା ଅନୀତିର ଆଶ୍ରୟ ନେଲେ ସେ ନିଜେ ହଇରାଣରେ ପଡ଼େ । କିନ୍ତୁ ରାଜା ଅନୀତି କଲେ ସମଗ୍ର ରାଜ୍ୟରେ ଅନୀତି ଖେଳିଯିବ । ଏପରିକି ରାଜାଙ୍କୁ ମଧ୍ୟ କେହି ମାନିବେ ନାହିଁ । ଅନ୍ୟାୟରେ ରାଜ୍ୟ ଚାଲେନାହିଁ, ନ୍ୟାୟରେ ରାଜ୍ୟ ଚାଲେ । ଏହି ସମୟରେ ଖୁବ୍ ଖୁସିରେ ହନୁ ଗୋଟିଏ ପାଚିଲା ପଣସ ଧରି ପହଂଚି କହିଲା- ମହାରାଜ, ଏଇଟିକୁ ମୁଁ ବହୁତ କଷ୍ଟ କରି ଆପଣଙ୍କ ପାଇଁ ଆଣିଛି ।

ଏହା ଦେଖି ଭଲ୍ଲୁକ କହିଲା- ମହାରାଜ, ହନୁ ମିଛ କହୁଛି । ପଣସଟି ରାଘବ ବୁଢ଼ା ଗଛରେ ଫଳିଥିବାର ମୁଁ ଦେଖିଛି । ସେ ବହୁତ ଗରିବ ଓ ନିରୀହ । ଆପଣ ତ ଜାଣନ୍ତି ମୋର ପଣସ ପ୍ରତି କେତେ ଦୁର୍ବଳତା । ତଥାପି ରାଘବ ବୁଢ଼ା ପ୍ରତି ଦୟା ଦେଖାଇ ମୁଁ ଆଣିଲି ନାହିଁ । ଅଥଚ ସେଇଟିକୁ ସେ ଉଠାଇ ଆଣିଛି । ସେଠାରେ ଉପସ୍ଥିତ ଥିବା ବିଲୁଆ ମଧ୍ୟ ତାକୁ ସମର୍ଥନ କଲା । ତାପରେ ହାତୀ କହିଲା- ହନୁ, ଆଜି ପର୍ଯ୍ୟନ୍ତ ତୋ'ରି କଥାରେ ପଡ଼ି ମୁଁ ବହୁ ଅନ୍ୟାୟ କଲେଣି । ଏଣିକି ଆଉ ନୁହେଁ । ତୋ ନାଁରେ ବହୁତ ଅଭିଯୋଗ ମୁଁ ପୂର୍ବରୁ ଶୁଣିଛି । କିନ୍ତୁ ମୋର ଖାଇବା ଲାଳସା ଯୋଗୁଁ ମୁଁ ସେସବୁକୁ ଆଖି ବୁଜିଦେଇଥିଲି । ଏଥର ଜାଣିଗଲେଣି ଏ ବଣରାଇଜରେ କାହିଁକି ବିଶୃଙ୍ଖଳା । ଏଣିକି ମୋ ଖାଦ୍ୟ ମୁଁ ଯୋଗାଡ଼ କରିବି । ତୋତେ ଅନ୍ୟସ୍ଥାନକୁ ଯିବାକୁ ହେବ । ଏହାଦ୍ୱାରା ସମସ୍ତଙ୍କର କାର୍ଯ୍ୟଦକ୍ଷତା ବଢ଼ିବ । ତାପରେ ବିଲୁଆ ସହିତ ସେଠାରେ ଉପସ୍ଥିତ ଥିବା ପାରିଷଦବର୍ଗ ଜୟ ଜୟ ଧ୍ୱନି କଲେ । ତାହା ଶୁଣି ବିଲୁଆ ପଛରୁ ଚାଲିଯାଇଥିବା ପ୍ରାଣୀମାନେ ପୁଣି ଏକାଠି ହେଲେ । ସେମାନଙ୍କୁ ଦେଖି ହାତୀ କହିଲା- ତୁମେମାନେ କାପୁରୁଷ, ଭୀରୁ ସତ କହିବାକୁ ପଛଘୁଂଚା ଦେଇ ଠିକ୍ କରିନାହଁ । ସମସ୍ତେ ଲାଜରେ ମୁହଁ ତଳକୁ କରି ରହିଲେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ-୯୭୭୬୨୩୮୫୨୨

# ଡାମରା କାଉ
### ସୁନନ୍ଦା ମହାନ୍ତି

ମୁନୀ ଓ ରିଙ୍କି ଦୁହେଁ ଖୁବ ସାଙ୍ଗ। ଦୁହେଁ ଏକାଠି ମିଶି ସ୍କୁଲକୁ ପାଠ ପଢି ଯାଆନ୍ତି ପୁଣି ବସି ଏକାଠି ପାଠ ପଢ଼ନ୍ତି। ସେଦିନ ସ୍କୁଲରେ ଖାଇବା ଛୁଟି ବେଳେ ମୁନୀ ଦେଖିଲା ସ୍କୁଲ ପଛପଟ ନଈରେ କାଉଟିଏ ଭାସି ଯାଉଛି। କାଉତ ଆକାଶରେ ଉଡିବା ପକ୍ଷୀ ସେ ପାଣିରେ ମଧ ବୁଡିଯିବା ଭଳି ପକ୍ଷୀ ନୁହେଁ ତେବେ ଏମିତି ଅବସ୍ଥାରେ କାଉଟିର ଭାସି ଯିବା ଦେଖି ସେ ପ୍ରଥମେ ରିଙ୍କିକୁ ଡାକ ପକେଇଲା। ଦୁହେଁ ମିଶି ଗୋଟେ ବରଡ଼ା ପକେଇ ତାକୁ ଉଦ୍ଧାର କରି ଆଣି ସ୍କୁଲରେ ଥିବା ବିଜ୍ଞାନଗାରର ରକ୍ଷକଙ୍କ ପାଖକୁ ନେଲେ। ଖରାରେ କିଛି ସମୟ ରଖିନେଲା ପରେ ସେ ସାଷ୍ଟାଙ୍ଗ ହେଲା ଓ କିଛି ଖାଇଲା। ସାର ତା ଦେହର ରୁମ ସବୁକୁ କୁଣ୍ଡେଇ ଦେବାରୁ ଜଣାଗଲା କୋଉଠି କିଛି କ୍ଷତ ନାହିଁ। ଆସ୍ତେ ଆସ୍ତେ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ପରେ କାଉଟି ସୁସ୍ଥ ହେବା ସହ ଉଡି ନଯାଇ ବିଜ୍ଞାନଗାରରେ ଚଳ ପ୍ରଚଳ ହେଲା। ନଈ କୂଳରେ ଥିବା କୌଣସି ଗଛ ଉପରୁ ଖସିପଡି ଭାଷି ଯାଉଥିବା କାଉକୁ ଏଥର ଗଛ ଉପରେ ବସାଇଦେବା ପରେ ମଧ ସେ ଗଲା ନାହିଁ। ପିଲାଙ୍କ ସଙ୍ଗେ ରିସେସରେ ଖେଳିବା, ବିଜ୍ଞାନଗାରରେ ଛୋଟ ମୋଟ କାମ ଯେମିତିକି ଯୋଉ ଜିନିଷ ଯୋଉଠାରେ ରହିବା କଥା ତାକୁ ରଖିବା ଇତ୍ୟାଦି କାମ କରୁଥାଏ ତ ପିଲାମାନେ କେବଳ ସେହି କାଉଟିକୁ ଦେଖିବା ଓ ତାର କର୍ମ କୁଶଳତା ପରୀକ୍ଷା କରିବା ପାଇଁ ଚାହିଁରହିଥାଆନ୍ତି ବିଜ୍ଞାନ ପିରିୟଡ଼ କେତେବେଳେ ଆସିବ ! ଖାଲି ସେତିକି ନୁହେଁ ସେହି ସ୍କୁଲରେ ଖୁବ କମ ଛାତ୍ର ଛାତ୍ରୀ ଥିଲେ, ଏବେ କାଉଟି ଯୋଗୁଁ ଦୁରଦୁରାନ୍ତର ପିଲାମାନେ ସେହି ସ୍କୁଲକୁ ପଢିବାକୁ ଆସିଲେ।ବିଭିର୍ଣ୍ଣ ଆକାରର ପ୍ଲାଷ୍ଟିକ ଡବା ବା ଡଷ୍ଟବିନ ସବୁକୁ ତା ପରକୁ ପର ଠିକ ଠାକ ଭାବେ ସଜାଡି ରଖୁଥିବା କାଉଟିକୁ ସେଦିନ



ପରୀକ୍ଷା କରିବା ପାଇଁ ପାଣି ପିଇବାକୁ ଦିଆ ନଯାଇ ଦୁଇଦିନ ପରେ ଗୋଟେ ମାଠିଆରେ ଅଳ୍ପ ଜଳ ରଖି ଦିଆଗଲା।

ମୁନୀ ଓ ରିଙ୍କି ଦେଖିଲେ କାଉଟି ସେହି ବିଜ୍ଞାନକକ୍ଷରେ ଥିବା କିଛି ଗୋଡି ପକାଇ ମାଠିଆର ଜଳ ସ୍ତର ଉପରକୁ ନିଜ ଥଣ୍ଟ ପର୍ଯ୍ୟନ୍ତ ଆଣିବାକୁ କାଉଟି ଚେଷ୍ଟା କରୁଛି। ଶେଷକୁ ଥଣ୍ଟ ବୁଡେଇ ପାଣି ନପିଇ ପାରିବାରୁ ଟେବୁଲ ଉପରୁ ପେପରୱେଟଟିକୁ ନିଜ ଥଣ୍ଟରେ କୌଶଳ କ୍ରମେ ଧରି ନେଇ ମାଠିଆରେ ପକାଇ ଜଳ ସ୍ତର ଉଠାଇ ପାଣି ପିଇବାରେ ସକ୍ଷମ ହୋଇଥିଲା ସତ ହେଲେ ମାଠିଆଟି ଭାଙ୍ଗି ଯାଇଥିଲା। ଏଣିକି କାଉଟିକୁ ନନ୍ଦନକାନନରେ ଛାଡିଦିଆଯିବାର ପ୍ରସ୍ତାବରେ ଖାଲି ଛାତ୍ର ଛାତ୍ରୀ ନୁହଁନ୍ତି ବରଂ ସେମାନଙ୍କର ଅଭିଭାବକମାନେ ମନା କରିଥିଲେ। କାଉ ଯାହା ନଷ୍ଟ କରିବ ତାହା ଯୋଗାଇଦେବାକୁ ମୁନୀର ଜେଜେମା ସମସ୍ତଙ୍କୁ କହିଥିଲେ କିନ୍ତୁ କାଉଟି କୌଣସି ଜିନିଷ ବା ପଦାର୍ଥ ନଭାଙ୍ଗି ସମସ୍ତଙ୍କୁ ଯେଉଁ ଖୁସି ଦେଉଥିଲା ତାହା ମୁନୀ ଓ ରିଙ୍କି ସହ ଅନ୍ୟାନ୍ୟ ପିଲାମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଉଥିଲା। ପୁଣି ସେହି କାଉର ଗପ ଆଜି ଏହି ସ୍କୁଲରେ ଜୀବନ୍ତ ରୂପ ନେବା ସହ ପିଲାଙ୍କ ଖୁସି ଦେଖେ କିଏ !କାଉକୁ ଦେଖି ପିଲାଏ ମନେ ପକାଉଥିଲେ ସେହି ଛବିଳ ବର୍ଣ୍ଣବୋଧ ବହିର କାଉକୁ ନେଇ ଗଳ୍ପ ଓ ଗୀତ। ଡାମରା କାଉରେ ଡାମରା କାଉ।। ଉଚ୍ଚ ପରବତେ ବୋବାଉ ଥାଉ। ଉଚ୍ଚ ପରବତ କୁଞ୍ଚି କୁଞ୍ଚିକା। ତହିଁରେ ରହିଛି ତିନି ମାଣିକା। ଇତ୍ୟାଦି।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭



## ସରଳ ହିଁ ସୁନ୍ଦର
### ଧ୍ରୁବ ଚରଣ ଘିବେଲା

ସରଳ କଥା ଲାଗଇ ମିଠା
କଥା ସୁନ୍ଦର ଥିଲେ
ମିଠା ମଧୁର କଥା ସୁନ୍ଦର
ମନକୁ ଛୁଉଁଥିଲେ ।

ସରଳ ପିନ୍ଧା ବସନ ଭଲ
ଆଖିକୁ ରୁଚିକର
ସରଳ ଚିନ୍ତା ଭାବ ବିଚାର
ସବୁବେଳେ ସୁନ୍ଦର ।

ତେଲ ମସଲା ନଥିବା ଖାଦ୍ୟ
ଦେହକୁ ହିତକର
ଅଧିକ ଲୁଣ ଅଧିକ ତେଲ
ସର୍ବଦା ପରିହର ।

ଦେଖିଚାହିଁକି ମାପିଚୁପିକି
ଖାଦ୍ୟ ଖାଇବା ଭଲ
ସଞ୍ଜ ସକାଳ ବୁଲା ବଢ଼ିଆ
ସ୍ୱାସ୍ଥ୍ୟ ଅନୁକୂଳ ।

କଥା ସରଳ ଚାଲି ସରଳ
ସରଳ ଡାକ ଭଲ
ସରଳ ଭାବ ସୁନ୍ଦର ଲାଗେ
ଯୋଡ଼େ ସମ୍ପର୍କ ଭଲ ।

ସରଳ କାମ ହୁଏନି ବାମ
କାମରେ ସଫଳତା
ସରଳ ହେବା ନୂଆବର୍ଷର
ଉତ୍ତମ ଅନୁଚିନ୍ତା ।

+ବଉଦରାଜ, ଜି. ବୌଦ୍ଧ

## ପଚିଶି ଆସିଛି ମିତ...
### ରାମଚନ୍ଦ୍ର ବେହେରା

ବାଣ ରୋଷଣୀରେ ନାଚ ଗୀତ ସୁରେ
ପଚିଶି ଆସିଛି ମିତ
ପୁରୁଣା ବର୍ଷର ଦୁଃଖ ଭୁଲି ଆସ
ହରଷେ ଗାଇବା ଗୀତ।

ନୂଆ ବରଷରେ ନୂଆ ଆଶା ନେଇ
ପାଠରେ ରଖିବା ଧ୍ୟାନ
ଅଳସ ପଣକୁ ଦୂର କରି ଆମେ
କରିଯିବା ନିଜ କାମ।

ରାଗ ରୋଷ ହିଂସା କପଟ ସ୍ୱଭାବ
ପରାଣୁ ଦୂରେଇ ଦେବା
ସ୍ନେହ ମମତାରେ ବାନ୍ଧିହୋଇ ସର୍ବେ
ଦେଶକୁ ଆଗେଇ ନେବା।

ପିତା ମାତାଂକର କଥାକୁହା ମାନି
ସତ୍ୟ ପଥରେ ଚାଲିବା
ବିଦ୍ୟାଲାଭ ପାଇଁ ଗୁରୁ ଉପଦେଶ
ମୁଣ୍ଡ ନୁଆଁଇ ପାଳିବା।

ଭେଦଭାବ ଭୁଲି ଆଶାବାଡି ସାଜି
ସେବା କରିବା ସବୁରି
ସୁନ୍ଦର ସମାଜ ଗଢିବା ହରଷେ
ଏକତା ମନ୍ତ୍ର ଆଦରି।

ଦେଶ ହିତ ପାଇଁ କାମ କରିଯିବା
ଭୁଲିଯିବା ମନ ବ୍ୟଥା
ସାରା ଦେଶବାସୀ ଭାରତ ମାତାର
ଗାଇବେ ଗୌରବ ଗାଥା।

ଶାନ୍ତିର ବାରତା ପରଶିବା ଆମେ
ନଦେବା କାହାକୁ ଦୁଃଖ
ସତ୍ୟ ନ୍ୟାୟ ଧର୍ମ ନୀତି ଆଦରିବା
ମିଳିବ ପରମ ସୁଖ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଶୀତ ଦିନ ଖରା
### କୀର୍ତ୍ତନ ସାହୁ

ଶୀତ ଦିନ ଖରା ଭାରି ମିଠା ମିଠା
ଦେହକୁ ଆରାମ ଦିଏ
ଶୀତ ଦେଇଥିବା ଦୁଃଖ କଷ୍ଟ ଯେତେ
ଅଚିରେ ସେ ହରି ନିଏ ।

ସକାଳ ଖରାରେ ପାଠ ପଢ଼ିବାକୁ
କେଡ଼େ ମଜା ଆହା ଲାଗେ
ଅଧା ଖରା ଅଧା ଛାଇରେ ଆମେରେ
ବସି ଯାନ୍ତି ବଡ ବାଗେ।

କୁନି ପୁଅ ଦେହେ ତେଲ ମାରି ଥାନ୍ତି
କୋଳରେ ଶୁଆଇ ଦେଇ
ରେଜେଇ କମ୍ବଳ ଶୁଖେଇ ଦିଅନ୍ତି
ଖରାକୁ ସଅଳେ ନେଇ ।

ଖରା ପିଠି କରି କାମ କରୁ ଥିଲେ
ଶୀତ ପାଖେ ରହେ ନାହିଁ
କୃଷକ ଭାଇର କାମେ ମନ ଲାଗେ
ଶୀତ ଦିନ ଖରା ପାଇ ।

ଯେତେ ଖରା ଅଛି ଶୀତ ଦିନ ଖରା
ଭାରି ମଜା ମଜା ଲାଗେ
ଯିଏ ବି ଯେଉଁଠି କାମ କରୁ ଥାଉ
ମନରେ ସରାଗ ଜାଗେ ।

+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ବୃକ୍ଷ ଆମରି ବନ୍ଧୁ
### ଧ୍ରୁବ ଚରଣ ବେହେରା

ଅତୀତର ଗୋଟେ ଛୋଟିଆ କଥା
ଭବିଷ୍ୟରେ ଦିନେ ହୁଅଇ ଗାଥା ।

ଗଛକୁ ଆଦର ଯିଏ କରଇ
ପ୍ରକୃତିର ମିତ୍ର ସିଏ ଅଟଇ ।

ପାଆଇ ସୁଫଳ ସମୟେ ଜାଣ
ଅତି ଦରକାରି ଲାଗେ ତା' ଗୁଣ ।

ଶ୍ରଦ୍ଧାରେ କୁନା ଯେ ଲଗାଇ ଚାରା
ଯତନ କରିଲା ସେବା ନିଆରା ।

ଆଲୋକ ପବନ ଖରା ପାଇକି
ଉଠିଲା ଗଛଟି ଆକାଶ ଦେଖି ।

ଦିଶିଲା ସବୁଜ ସୁନ୍ଦର ଭରା
ଆମ ଘର ଆଗେ ଶୋଭରେ ତୋରା ।

ଏମିତି ଫଳ ସେ ଫଳଲା ଦିନେ
ଚାରି ଗୋଟି ଫଳ କିଲୋରେ ମଣେ ।

ଫେରିକି ଛୋଟିରୁ ତୋଳିଲି ଫଳ
ସ୍ୱାଦରେ ଖାଇକି ମିଳିଲା ବଳ ।

ପୁଅ ପାଠ ପଢି ଗଲା ଦୂରକୁ
ନଖାଇ ପାରିଲା ସେହି ଫଳକୁ ।

ଗଛ ଲଗାଏ ଯେ ନଖାଏ ଫଳ
ହେଲେ ଉପକାର ଶକ୍ତି ସମ୍ବଳ ।

ଅନ୍ୟ ମୁଖେ ଦେଇ ମିଠା ବାରତା
ଗଛ ଲଗାଇ ସେ ଜଗତ ଜିତା ।

ଗଛ ଆମ ବନ୍ଧୁ ଯୁଗ ଯୁଗକୁ
ନ ଭୁଲିବ ବନ୍ଧୁ ଏହି କଥାକୁ ।

+ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ନୂଆ ସକାଳର ନୂଆ ଗୀତ
### ଶରତ କୁମାର ଦାସ

ଆସିଥିଲା ବାରମାସ
ପାଇଁ ସିଏ ଖୁସିରେ,
ସରିଗଲା ଅଭିନୟ
ଚାଲିଗଲା ରଷିରେ ।

କହିଗଲା କାନେ କେତେ
ସୁଖଦୁଃଖ କାହାଣୀ,
ଛାଡ଼ିଗଲା ଛାପ କେତେ
ଦେଖାଇ ତା' ଚାହାଣି ।

ଛୁଇଁଲାଣି ନୂଆ ଦିନ
ନୂଆ ରଙ୍ଗେ ସଜେଇ,
ହସଖୁସି ଭେଟିଦେଇ
ମନ ଦେବ ମଜେଇ ।

ବସିଲାଣି ଚକାମେଲି
ସରାଗେ ତା' ଥାନରେ,
ଫୁଙ୍କିଲାଣି ମନ୍ତର ସେ
ବୁଲିବୁଲି କାନରେ ।

ସାନଠାରୁ ବଡ଼ଙ୍କର
ମନ ଲାଗେ ସରସ,
ଦେଖଦେଖ ଆସିଛିରେ
ଏଇ ନୂଆ ବରଷ ।

ଉଡ଼ିଲେଣି ପକ୍ଷୀଦଳ
ଡେଣା ଝାଡ଼ି ହରଷେ,
ଗାଇଲେଣି ଗୀତ ନୂଆ
ଆଲୋକର ପରଶେ ।

ହସିଲେଣି ଗଛଲତା
ନଦନଦୀ ସାଗର ,
ବାଜିଲାଣି ଶୁଭ ଶଙ୍ଖ
ଜଳିଲାଣି ଜାଗର ।

ରାଗ-ହିଂସା-ଗରବଠୁ
ଆମେ ଦୂରେ ରହିବା,
'ଫୁଲ ପରି ହସ ଫୁଟୁ'-
ଏଇ କଥା କହିବା ।

ଆସିବଟି ନୂଆ ପୁଣି
ଯିବ ତାଆ ବାଟରେ,
ହାରିବାନି ଆମେ କେବେ
ଚାଲୁଥିବା ଥାଟରେ ।

ହସ ହେଉ ଅବା ଲୁହ
ସବୁ ପରା ମିତରେ,
ହସିହସି ଗାଉଥିବା
ଏ ଜୀବନ ଗୀତରେ ।

+ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଚନ୍ଦ୍ରଭାଗାର ସପ୍ତମ ସନ୍ଧ୍ୟାର ଆକର୍ଷଣ 'ନାରୀର ଗରିମା'



ବାଲେଶ୍ୱର, ୩/୧ (ନି.ପ୍ର): ୩୫ ବର୍ଷ ଚନ୍ଦ୍ରଭାଗାର ସପ୍ତମ ସନ୍ଧ୍ୟାର ମହୋତ୍ସବର ଉଦଘାଟନ କରିଥିଲେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା। ଚନ୍ଦ୍ରଭାଗାର ପ୍ରତିଷ୍ଠାତା ନିର୍ଦ୍ଦେଶକ କବି ଶ୍ରୀଦେବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାରୀ ମାନଙ୍କୁ ସମର୍ପିତ 'ନାରୀର ଗରିମା' କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ସମାଜସେବୀ ଶ୍ରୀମତୀ ଅନୁସୟା ନାୟକ। ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଶ୍ରୀମତୀ ବାସନ୍ତି ମହାନ୍ତି, ସୁଶ୍ରୀ ଅରୁଣା ରାୟ, ଶ୍ରୀମତୀ ସୁବାସିନୀ ଜୀ, ଶ୍ରୀମତୀ ବାସନ୍ତୀ ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ 'ନାରୀର ଗରିମା' ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶିଳ୍ପୀ କେଶୁଦାସ ଏବଂ ଶେଷାଂଶ ରଖିଥିଲେ ଚନ୍ଦ୍ରଭାଗାର ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ। ସୁଭ୍ରଭରଣୀ ସୌଜନ୍ୟତାରେ ପ୍ରଦୀପ ଭୌମିକଙ୍କ ନିର୍ଦ୍ଦେଶିତ ବେଙ୍ଗୋଲୀ ନାଟକ 'ଝରାପାତା' ପରିବେଷଣ ହୋଇଥିଲା। ଲକ୍ଷ୍ମୀନାରାୟଣ ଘୋଷ, ଆଶିଷ ଘୋଷ, ପ୍ରଦୀପ ଭୌମିକ, ଆଶିଷ ଚକ୍ରବର୍ତ୍ତୀ, ଦେବାଶୀଷ ଚାଟାର୍ଜୀ ପ୍ରମୁଖ ଅଭିନୟ କରିଥିଲେ। ନାଟ୍ ଅନୁଷ୍ଠାର ତରଫରୁ ନିର୍ଦ୍ଦେଶିକା ରୋନାଲିସା ପଣ୍ଡା, ଅରୁଣାଂଶୁ ପାଣିଗ୍ରାହୀ, ଏବଂ ଏସ୍. କେ ରାଜାଙ୍କ ସହଯୋଗିତାରେ ୨୦୦ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ଅଧ୍ୟାପକ ଡକ୍ଟର ଶଶୀକାନ୍ତ ମହାନ୍ତି, ଅବନୀ କୁମାର ଜେନା, ରମେଶ ମଲ୍ଲିକ, ସନ୍ତୋଷ ପଣ୍ଡା, ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ।

## ଶ୍ରୀ ସତ୍ୟସାଇ ସେବା ସମିତିର ବାର୍ଷିକ ଉତ୍ସବ

ଧର୍ମଶାଳା, ୩/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ନୀଳକଣ୍ଠପୁରଠାରେ ଶ୍ରୀ ସତ୍ୟସାଇ ସେବା ସମତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ନୂତନ ବର୍ଷ ଆରମ୍ଭରେ ଭଗବାନ ସତ୍ୟ ସାଇ ଏହି ପୂଜା ଉତ୍ସବ ଆଧାତ୍ମିକ ପରିବେଶରେ ପାଳିତ ହୋଇଛି । ଜିଲା ତଥା ଜିଲା ବାହାରୁ ଭକ୍ତମାନଙ୍କ ସମାଗମ ହୋଇଥାଏ । ଏହି କ୍ରମରେ ଭକ୍ତମାନଙ୍କ ଦ୍ୱାରା ପ୍ରଭାତରେ ସୁପ୍ରଭାତମ୍, ନଗର ପରିକ୍ରମା, ଦେବପାଠ, ଭଗବାନଙ୍କୁ ଭୋଗ ଲାଗି କରିବା ସହଭଗବାନଙ୍କ ଉଦ୍ଦେଶ୍ୟରେ ସଂଗୀତଗାନ, କୁନିକୁନି ପିଲାମାନଙ୍କ ଦ୍ୱାରା ହସ୍ତଶିଳ୍ପ ଆଦି କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶହଶହ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ଚାନ୍ଦିଲି ପାହାଡ଼କୁ ପର୍ଯ୍ୟଟନ ସ୍ଥଳି ମାନ୍ୟତା ପାଇଁ ମିଳିତ ଉଦ୍ୟମ ଦରକାର: ନରସିଂହ

ବଲାଙ୍ଗୀର, ୩/୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପ୍ରାକୃତି ସୌନ୍ଦର୍ଯ୍ୟରେ ଭରପୁର। ଅତୀତରେ ଆମେ ଉଦ୍ୟମ କରି ଭୀମ ଡୁଙ୍ଗୁରିକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ଆଣିବାରେ ସଫଳ ହୋଇଛୁ। ଚାନ୍ଦିଲି ପାହାଡ଼ ମଧ ପ୍ରାକୃତିକ ସୌନ୍ଦର୍ଯ୍ୟ ଦିଗରୁ କୌଣସି ଗୁଣରେ କମ୍ ନୁହେଁ। ତେଣୁ ଆସନ୍ତୁ ଏହାର ସଂରକ୍ଷଣ, ସୌନ୍ଦର୍ଯ୍ୟୀକରଣ ଓ ଏହାକୁ ଏକ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ମିଳିତ ଉଦ୍ୟମ କରିବା, ଯାହାଦ୍ୱାରା ଏ ଅଂଚଳ ଲୋକଙ୍କର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ ବୋଲି ଆଜି ଦେଓଗାଁ ବ୍ଲକ ସ୍ଥିତ ଦେଷଣ୍ଡ ପଂଚାୟତର ଚାନ୍ଦଲି ପାହାଡ଼ ବକ୍ଷଦେଶରେ ଅନୁଷ୍ଠିତ ଚାନ୍ଦିଲି ମହୋତ୍ସବ ସ୍ଥଳରେ ଉପସ୍ଥିତ ରହି ପୂର୍ବତନ ବଲାଙ୍ଗୀର ବିଧାୟକ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେକୌଣସି ବି ଉତ୍ସବ କୌଣସି ବ୍ୟକ୍ତି କୌଣସି ଦଳର ନୁହେଁ ଏହା ସମସ୍ତଙ୍କର ତେଣୁ ଏ ଅଂଚଳର ଉନ୍ନତି ପାଇଁ ମଧ ସମସ୍ତଙ୍କ ସହଯୋଗ ଲୋଡ଼ା। ଏହି ଚାନ୍ଦିଲି ପାହାଡ଼କୁ ଏକ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ସରକାରଙ୍କ ବିଭାଗୀୟ ମନ୍ତ୍ରୀଙ୍କ ସହ ସେ କଥା ହୋଇଛନ୍ତି। ଆସନ୍ତୁ ସମସ୍ତେ ଜାତି ଧର୍ମ ବର୍ଣ୍ଣ ରାଜନୈତିକ ଆଦର୍ଶ ଓ ଉଦ୍ଦେଶ୍ୟରୁ ଉର୍ଦ୍ଧ୍ୱରେ ମିଳିତ ହୋଇ ଏ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ଉଦ୍ୟମ କରିବା। ବିଧାୟକ ଥିଲାବେଳେ ଏ ଅଂଚଳର ଲୋକେ ଏ ପାହାଡ଼କୁ ମୋ ଦୃଷ୍ଟିଗୋଚରକୁ ଆଣିଥିଲେ। ସେତେବେଳେ ଏହା ବିକାଶ ପାଇଁ ନିଜ ପାଣ୍ଠି ତଥା ସରକାରଙ୍କ ଠାରୁ ଅନେକ ଅନୁଦାନ ଅଣାଯାଇ କାମଗୁଡ଼ିକର ଭିତିପ୍ରସ୍ତର ଦିଆଯାଇଥିଲା କିନ୍ତୁ ନିର୍ବାଚନ ଆସିଯାଇଥିବାରୁ ତାହା କମ୍ ପଡ଼ିଥିଲା। ସେ କାମଗୁଡ଼ିକ ଏବେ ଆରମ୍ଭ ହୋଇଛି। ଏଠାରେ ମଣ୍ଡପ ସହ ପାହାଡ଼ ଉପରେ ପ୍ରହରୀ ମଣ୍ଡପର ନିର୍ମାଣ କାମ ଚାଲିଛି। ତା'ସହ ରାସ୍ତା କାମ ପାଇଁ ୨କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ଅଣାଯାଇଥିଲା ଯାହାକି ବର୍ତମାନ ପିଡବ୍ଲ୍ୟୁଡି ରାସ୍ତାରୁ ପାହାଡ଼ର ଚାରିକଡ଼ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ନିକଟରେ ଥିବା ମେହେରକଟାର ଉନ୍ନତିକରଣ ପାଇଁ ମଧ ସେ ସମୟରୁ ଉଦ୍ୟମ ଆରମ୍ଭ ହୋଇଥିଲା କେବଳ ଜଙ୍ଗଲ ବିଭାଗର ଅନୁମତି ପାଇଁ କାମ ଅଟକିଥିଲା। ବହୁଶୀଘ୍ର ସେସବୁର ମଞ୍ଜୁରି ମିଳିବ ଏବଂ ମେହେରକଟାର ମଧ ଉନ୍ନତିକରଣ ସାଙ୍ଗକୁ ସୌନ୍ଦର୍ଯ୍ୟୀକରଣ ଓ ଜଳଧାରଣ କ୍ଷମତା ବଢ଼ିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରାମଜୀ ଚୌଧୁରୀ, କାନ୍ତେଶ୍ୱର ପ୍ରଧାନ, ଅସୀତ ମିଶ୍ର, ସମିତି ସଭ୍ୟ ସଂକୀର୍ତନ ବାଗ, ସିଙ୍ଗାମୁଣ୍ଡା ସରପଂଚ ଜାନକୀ ମହାରଣା, ଦେଷଣ୍ଡ ସରପଂଚ ଯଶୋଦା ମେହେର, ସରପଂଚ ଜଗ ମେହେର, ସରପଂଚ ଗୋପାଳ ବାଗ, ଲିଟନ ହୋତା, ରାଧେଶ୍ୟାମ ମେହେର, ଦିନ ମେହେର, ରବିନ୍ଦ୍ର ମେହେର, ସ୍ୱୟମ୍ବର ମେହେର, ବନମାଳି ମେହେର, ରଘୁ ରଣାଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରକାର ଶୁଣିଲେ ନାହିଁ ଦୁଃଖ: ଗାଁ ରାସ୍ତା ନିର୍ମାଣ କଲେ ସାହିବାସୀ



ଜଳେଶ୍ୱର , ୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାଜଳେଶ୍ୱର ବ୍ଲକର ଏକ ଉପାନ୍ତ ଆଦିବାସି ଅଞ୍ଚଳର ସର୍ଦ୍ଧାରବନ୍ଧ ଗ୍ରାମ ପଞ୍ଚାୟତର ୧୧ନମ୍ବର ୱାର୍ଡ ମୁଣ୍ଡାକାଟି ଗାଁ ଯେଉଁ ଠାରେ ୩୫ ଆଦିବାସି ପରିବାର ୩୫୦ ଲୋକ ବସବାସକରୁଥିବା ବେଳେ ଆଜିବି ନା ଗାଁକୁ ଯିବା ପାଇଁ ଏକ ଭଲ ରାସ୍ତା ଅଛି ନା ଅଛି ପିଇବା ପାଣି ସୁ ବ୍ୟବସ୍ତା ନାହିଁ ନ ଥିବା ଅସୁବିଧାରେ ରହିଆସୁଅଛନ୍ତି ଗାଁ ଲୋକ ବାରମ୍ବାର ସରକାରଙ୍କ ନିକଟରେ ରାସ୍ତା ଓ ପିଇବା ପାଣି ପାଇଁ ଗୁହାରୀ ଜଣାଇଲେ ମଧ କେହି ପ୍ରଶାସନିକ ଅଧିକାରୀ ମାନେ କର୍ଣ୍ଣ ପାତ କରୁନାହାନ୍ତି ଶେଷରେ ବାଧ ହୋଇ ଗାଁର ସତ୍ୟରଞ୍ଜନ ସିଂ, ମୁକେଶ ମାରାଣ୍ଡି, ବୀରେନ ସୋରେନ, ଶୁଭେନ୍ଦୁ ହେମରେମ୍, ଝୁନା ସିଂ, ବୈରାଗଗୀ ହେମରମ, ଗଣେଶ ସିଂ, ଉତ୍ତମ ସିଂ, କାର୍ତ୍ତିକ ସିଂ, କୁନାର ସିଂ, ଦୁର୍ଗା ମାରାଣ୍ଡି, ରାଜକିଶୋର ହେମ୍ବ୍ରମ୍, ସଞ୍ଜୟ ସିଂ ପ୍ରମୁଖ ଯୁବକ ମାନେ ମିଶି ନିଜ ପାଇଁ ନିଜେ ପ୍ରସ୍ତୁତ କରିଛନ୍ତି ରାସ୍ତା ।

# ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା, ୩/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ-୨୦୨୪ -୨୫ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଜଂଟିଲୋ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି ଓ ଜଳସମ୍ପଦ ବିଭାଗ କେନ୍ଦ୍ରାପଡ଼ାର ଅଧକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତ। ଦାସ, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, କେ.ବି.କେ.ର ବରିଷ୍ଠ ବୈଜ୍ଞାନିକ ଡ଼ଃ. ଅରବିନ୍ଦ ଦାସ, ଉଠା ଜଳସେଚନର ନିର୍ବାହୀଯନ୍ତ୍ରୀ ଦୁଃଶାସନ ଜେନା, ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳ ମହାନ୍ତି ଓ ରଶ୍ମିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ ଓ କୃଷି ଓ କୃଷକମାନଙ୍କ ସଶକ୍ତିକରଣ ନିମନ୍ତେ ପାଣି ପଂଚାୟତ ନିର୍ବାଚନ ଓ ସଦସ୍ୟମାନଙ୍କ ପ୍ରଶିକ୍ଷଣ ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜଳର ସୁପରିଚାଳନା ଓ ଆବଂଟନ ହୋଇପାରିଲେ ଜଳ ସମସ୍ୟା ଜନିତ ଅସୁବିଧା ରହିବ ନାହିଁ। ଜିଲ୍ଲାପାଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ନ୍ୟାୟ ସଙ୍ଗତ ଓ ସମାନତା ଭିତିରେ ବିଭିନ୍ନ ଜଳ ବ୍ୟବହାରକାରୀମାନଙ୍କ ମଧ୍ୟରେ ଜଳ ବଂଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିପାରିଲେ ଜଳ ସଂରକ୍ଷଣ, ଜଳର ପୁନଃ ବ୍ୟବହାର ସହିତ ଫସଲର ବିବିଧକରଣ ଜରିଆରେ ଅଧିକ ପ୍ରକାରର ଫସଲର ଉତ୍ପାଦନ ହୋଇପାରିବ ଓ ଜଳର ସୁବ୍ୟବହାର ପାଇଁ ବୌଷୟିକ ଜ୍ଞାନ କୌଶଳର ପ୍ରୟୋଗ, ସମାନ ଓ ନ୍ୟାୟୋଚିତ ଜଳ ପରିଚାଳନା ହୋଇପାରିଲେ କେନ୍ଦ୍ରାପଡ଼ା ଭଳି କୃଷି ପ୍ରଧାନ ଜିଲ୍ଲାରେ କୃଷକମାନଙ୍କ ଅର୍ଥନୈତିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ଓ ପାଣି ପଂଚାୟତ ପକ୍ଷ ପାଳନ-୨୦୨୫ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୬ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ ଓ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇ ଥିଲା ଓ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶୁ ସମ୍ପଦ, ମତ୍ସ୍ୟ, କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଷ୍ଟଲ କରାଯାଇ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା ଓ ଶେଷରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗାସନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ଅର୍ପିତାଙ୍କୁ ସ୍ୱର୍ଣ୍ଣ ପଦକ

କେନ୍ଦ୍ରାପଡ଼ା, ୩/୧ (ନି.ପ୍ର): ସର୍ବ ଭାରତୀୟ ଆନ୍ତଃ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା କିଟ୍ ବିଶ୍ୱ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମହିଳା ବ୍ୟକ୍ତିଗତ ବର୍ଗରେ କେନ୍ଦ୍ରାପଡ଼ାର କୁମାରୀ ଅର୍ପିତା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ, ଟ୍ରଫି ଏବଂ ପ୍ରମାଣପତ୍ର ଗ୍ରହଣ କରିବା ସହିତ ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ



ଖୋର୍ଦ୍ଧା , ୩/୧ (ନି.ପ୍ର): କୃଶକ ସମାଜକୁ ବିକଶିତ କରିବା ଉଦ୍ଧେଶ୍ୟରେ ପାଣିପଞ୍ଚାୟତ ୨୦୧୫ ଦିବସ ପାଳନ କରିଛି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ । ତେବେ ଏହି ଦିବସରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲାର କୌଣସି ରାଜନେତା ବିଧାୟକ ଯୋଗ ଦେଇନଥିବା ଦେଖିବାକୁ ମିଳିଥିବା ବେଳେ ଜିଲ୍ଲାପରିଷଦ ଉପାଧକ୍ଷଙ୍କୁ କେବଳ ଦେଖିବାକୁ ମିଳିଥିଲା । ରହି କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ , କୃଷି ଓ କୃଶକ ସଶକ୍ତୀକରଣ ବିଭାଗ , ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅକ୍ଷରୁ ଷ୍ଟଲ ଖୋଲାଯାଇ କୃଶକ ମାନଙ୍କୁ କୃଷି କାର୍ଯ୍ୟକ୍ରମରେ ଜିଲ୍ଲାର କୃଶକ ମାନଙ୍କୁ ସାମିଲ କରିବା ନିମତେ ଚଳିତ ବର୍ଷ କୃଷି ଓଡିଶା ସହିତ ପଣି ପଞ୍ଚାୟତ ପକ୍ଷକୁ ସମ୍ପୃକ୍ତ ଭାବରେ ପାଳନ କରାଯାଉଛି । ଏହି କାର୍ଜ୍ୟକ୍ରମର ମୂଳ ଲକ୍ଷ କୃଶକା ମାନଙ୍କୁ ଶଶକ୍ତ କରିବା ପାଇଁ ଉଦ୍ଧେଶ୍ୟ । ଏହି ଉତ୍ସବର ପୂର୍ବରୁ ବିଦ୍ୟାଳୟ ମନାକରେ ଆୟୋଜିତ ପଦର୍ଶନୀ ମଡେଲ , ଡିବେଟ , କୁଇଜ,ଚିତ୍ରାଙ୍କନ ,ଓ ପ୍ରବନ୍ଧ ଲେଖନୀ ଆଦି ପ୍ରତିଯୋଗୀତା ହୋଇଥିବା ବେଳେ ପ୍ରତିଯୋଗିତାରେ ଉତିର୍ନ ହୋଇଥିବା ଚତ୍ର ଛାତ୍ରୀ ମାନଙ୍କୁ ଅର୍ଥ ରାଶିରେ ପୁରସ୍କୃତ କରଯାଇଥିଲା । ପ୍ରଥମ ସ୍ଥାନରେ ଉତିର୍ନ ହୋଇଥିବା ପ୍ରତିଯୋଗୀତାଙ୍କୁ ୨୫୦୦ ଅର୍ଥ ରାଶିରେ ପୁରସ୍କୃତ କରିଥିବା ବେଳେ ଦୁତୀୟ ପ୍ରତିଯୋଗିତାଙ୍କୁ ୨୦୦୦ ଏବଂ ତୃତୀୟ ପ୍ରତିଯୋଗୀତାଙ୍କୁ ୧୫୦୦ ଟଙ୍କାର ଅର୍ଥ ରାଶିରେ ପୁରସ୍କୃତ କରିଥିବା ଦେଖିବାକୁ ମିଳିଛି । ପାଣିପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ଶ୍ୱାଳପ ସମୟ ନିମନ୍ତେ ବିଭାଗୀୟ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲ ଗୁଡିକୁ ଅତିରିକ୍ତ ମୁଖ୍ୟ ଜନ୍ତୀ ତଥା ଜିଲ୍ଲା ନୋଡାଲ ଅଧିକାରୀ , କେନ୍ଦ୍ରୀୟ ଜଳସେଚନ ମଣ୍ଡଳ ଭୁବନେଶ୍ୱର ରାଜେଶ ଚନ୍ଦ୍ର ମହାନ୍ତି , ଅଧିକ୍ଷଣ ଜନ୍ତୀ ପ୍ରିୟବ୍ରତ ବେହେରା , ଉଦ୍ଘାଟନ କରିଥିବା ଦେଖିବାକୁ ମିଳିଛି । ଜଳସେଚନ ବିଉଭାଗର ଅନିଲ କୁମାର ପାଢୀ ସହକାରୀ ନିର୍ବାହୀ ଜନ୍ତୀ ଶାଳିଆଡ୍ୟାମ , ସୁରେନ୍ଦ୍ର କୁମାର ସାହୁ , ରଭସ ଚନ୍ଦ୍ର ପଟ୍ଟନାୟକ , ସନତ କୁମାର ମାଲିକ,ବାଳକୃଷ୍ଣ ବିଶୋଇ , ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା ।

## ଅଜଣା ଗାଡ଼ି ଧକ୍କାରେ ୨ ଗୁରୁତର କଟକ ସ୍ଥାନାନ୍ତର

ଘଟଗାଁ, ୩/୧ (ନି.ପ୍ର): ଅଜଣା ଗାଡ଼ି ଧକ୍କାରେ ୨ ଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଳିଗାଁର କାଳନ୍ଦି ମଲ୍ଲିକ(୨୫) ଓ ଦୀପକ କୁମାର ଜେନା(୨୫) ଏକ ବାଇକ୍ ଯୋଗେ ପରପଦା ହାଟକୁ ଆସୁଥିବା ସମୟରେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା ଫଳରେ ୨ଜଣ ଯାକ ରାସ୍ତା ଉପରେ ଫୋପାଡ଼ି ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ଏନ୍‌ଏଚ୍‌ଏଆଇ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି।

# ଜିଲ୍ଲାସ୍ତରୀୟ ପାଣିପଂଚାୟତ ପକ୍ଷ ପାଳନ ଅବସରରେ ଜଳର ସଠିକ ବିନିଯୋଗ ଉପରେ ଗୁରୁତ୍ୱ

କେନ୍ଦୁଝର, ୩/୧ (ନି.ପ୍ର): ଜଳ ସମ୍ପଦ ବିଭାଗ ଜିଲ୍ଲା ଜଳ ସେଚନ ଅନୁଭାଗ ପକ୍ଷରୁ ସ୍ଥାନୀୟ ଅଡିଟୋରିଅମଠାରେ ଗୁରୁବାର ଦିନ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ସଭାପତିତ୍ୱରେ ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଣି ପଂଚାୟତ ମାଧ୍ୟମରେ ଜଳ ବଂଟନର ସୁପରିଚାଳନା ମାଧ୍ୟମରେ ଚାଷ କାର୍ଯ୍ୟରେ ବିଶେଷ ଉନ୍ନତ ଅଣାଯାଇ ପାରିବ ବୋଲି କହିଥିଲେ । ଉପସ୍ଥିତ ଚାଷୀ ଭାଇ-ଭଉଣୀଙ୍କୁ ପାଣିର ଅପଚୟ ଓ ଅପବ୍ୟବହାର ନକରି ସହଭାଗୀ ଜଳ ସେଚନ ପରିଚାଳନାରେ ଚାଷକାର୍ଯ୍ୟକୁ କିଭଳି ସଫଳତାର ସହ କାର୍ଯ୍ୟକାରୀ କରିବାକୁ ହେବ ତାହା ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ଓ ଅନ୍ୟ ସମସ୍ତ ସମ୍ମାନନିତ ଅତିଥି ନିଜ ଅଭିଭାଷଣରେ ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବା ସହ ଚାଷୀମାନଙ୍କୁ ସଙ୍ଗଠିତ କରିବା ସହ ପାଣିପଂଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପ୍ରମୁଖ ମଂଚାସୀନ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ଶ୍ରୀ ଅଶୋକ କୁମାର ସେନାପତି, ସହକାରୀ କୃଷି ଅଧିକାରୀ, ସୁମନସ୍ମିତା ତରାଇ, ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, କେନ୍ଦୁଝର ସୁଧାଂଶୁ ଶେଖର ସାହୁ, ଅଧିକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ଆନନ୍ଦପୁର, ଅଶୋକ କୁମାର ସେଠୀ, ଅଧିକ୍ଷଣ ଯନ୍ତ୍ରୀ, ବିଦ୍ୟାଧରପୁର କେନାଲ ବିଭାଜନ, ଭାଗିରଥି ପାତ୍ର, ନିର୍ବାହୀ ଯନ୍ତ୍ରୀ କେନ୍ଦୁଝର ଜଳସେଚନ ବିଭାଜନ, ବିଶ୍ୱଦୀପ ସିଂହ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି ସୌମେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଡ଼ିକେ ମଲ୍ଲିକ, ବୈଜ୍ଞାନିକ କୃଷି ବିଭାଗ, ନିଗମାନନ୍ଦ ବେହେରା ଓ ମିହିରେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଜାତୀୟ ସଡକ ସୁରକ୍ଷା ମାସରେ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ

କେନ୍ଦୁଝର, ୩/୧ (ନି.ପ୍ର): ଜିଲ୍ଲା ପ୍ରଶାସନ ତରଫରୁ 'ଜାତୀୟ ସଡକ ସୁରକ୍ଷା ମାସ' ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାକୁ ବ୍ୟାପକ କରିବା ପାଇଁ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ଦେଖାଇ ଏହି ସଡକ ସୁରକ୍ଷା ରଥର ଉଦଘାଟନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏହି ସଚେତନତା ରଥ ବାହାରି ଜିଲ୍ଲାର ପ୍ରତି ବ୍ଲକ ବୁଲିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଗୋପାଳକୃଷ୍ଣ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଟ୍ରାଫିକ ଇନ୍ସପେକ୍ଟର ସୁକୁରାମ ସୋରେନ, ସଡ଼କ ସୁରକ୍ଷା ଅଧିକାରୀ ରାଜେଶ କୁମାର ସେଠୀ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ଏବଂ ପରିବହନ ବିଭାଗୀୟ କର୍ମଚାରୀ, ପୋଲିସ୍ କର୍ମଚାରୀ ଓଡିଶା ମଟର କର୍ମଚାରୀ ସଂଘ ସମସ୍ତେ ଏହି ସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ରହିଥିଲେ।

# ଅସ୍ତ୍ରୋପଚାର ପାଇଁ ଯୁବ କୁଲୁତା ସମାଜର ରକ୍ତଦାନ

ବଲାଙ୍ଗୀର, ୩/୧ (ନି.ପ୍ର): ବଲାଙ୍ଗୀର ଗାନ୍ଧୀନଗରପଡ଼ା ନିବାସୀ ପ୍ରଶାନ୍ତ ପ୍ରଧାନ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଗୋଡ଼ରେ ଗାଡ଼ି ଚଢ଼ିଯିବା ଯୋଗୁଁ ଅପରେଶନ ପାଇଁ ଡାକ୍ତର ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ। ରକ୍ତ ପାଇଁ ଅନେକ ଲୋକଙ୍କୁ ଫୋନ କରିଥିଲେ ମଧ୍ୟ ରକ୍ତ ପାଇବାରୁ ବଂଚିତ ହୋଇଥିଲେ ପ୍ରଶାନ୍ତ। ଶେଷରେ ପ୍ରଶାନ୍ତ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ। ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ଫୋନ କରିବା ମାତ୍ରେ ସଙ୍ଗେ ସଙ୍ଗେ ରାମ ନାୟକ ବନ୍ଧପଡ଼ା ଗ୍ରାମ ୨୧ କି.ମି. ଦୂରରୁ ଆସି ରକ୍ତଦାନ କରିଥିଲେ। ନୂତନ ବର୍ଷରେ ସମସ୍ତେ ମଜା ମଜଲିସରେ ମସ୍‌ଗୁଲ ଥିବାବେଳେ ଏତେ ଦୂରରୁ ଆସି ରକ୍ତଦାନ କରି ଏକ ଅମୂଲ୍ୟ ଜୀବନ ବଂଚାଇ ମାନବିକତାର ପରିଚୟ ସୃଷ୍ଟି କରିଛନ୍ତି ରାମ ନାଏକ। ରକ୍ତଦାନ ପରେ ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଚାରା ବଂଟନ କରାଯାଇଥିଲା। ରକ୍ତଦାନ ସମୟରେ ବ୍ଲଡ଼ ବ୍ୟାଙ୍କ ଷ୍ଟାଫ୍ ସ୍ୱାଗତିକା ରାଉଳ ଓ ଗଙ୍ଗାଧର ପଧାନ ମଧ୍ୟ ଉପସ୍ଥିତ ଥିଲେ।

# ଶୁଳିଆ ଯାତ୍ରାକୁ ନେଇ ଘନେଇଲା ବିବାଦ : ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର

## ଆଦିବାସୀ ଓ କନ୍ଧସମାଜ ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି ଲକ୍ଷ୍ମଣ ମେହେର

ବଲାଙ୍ଗୀର, ୩/୧ (ନି.ପ୍ର): ବିଗତ ୧୯ ବର୍ଷ ହେବ ଖଇରଗୁଡା ଓ କୁମୁରିଆ ଠାରେ ୨୦୦୬ ମସିହାରୁ ମିଳିତ ଭାବେ ଏକକାଳୀନ ଶୁଳିଆ ଯାତ୍ରାର ଆୟୋଜନ ହୋଇ ଆସୁଥିଲା। କିନ୍ତୁ ଏବର୍ଷ ବିଜେଡି ନେତା ଲକ୍ଷ୍ମଣ ମେହେର ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ରଖି ଆଦିବାସୀ କନ୍ଧସମାଜ ମଧ୍ୟରେ ବିଭେଦ ସୃଷ୍ଟି କରିବା ସହ ଶୁଳିଆ ଯାତ୍ରାର ମହାନ ସଂସ୍କୃତି ଓ ପରମ୍ପରାକୁ ଭଙ୍ଗ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଶୁଳିଆ ମହୋତ୍ସବ କମିଟି ପକ୍ଷରୁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଆଦିବାସୀ ଓ ମାନବ ଅଧିକାର କମିଶନରଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମହୋତ୍ସବରେ ଲକ୍ଷ୍ମଣ ମେହେରଙ୍କୁ ବୟକଟ କରିବା ସହ ଲକ୍ଷ୍ମଣ ମେହେରଙ୍କ ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କରାନଯାଏ ତା'ହେଲେ ଯାହା ଅଘଟଣ ଘଟିବ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଶୁଳିଆ ମହୋତ୍ସବ କମିଟି ପୂର୍ବରୁ ଚେତାଇ ଦେଇଛି। ସରଳ ଆଦିବାସୀ କନ୍ଧ ସମାଜ କାହିଁ କେଉଁ ଯୁଗରୁ ଶୁଳିଆ ବୁଢ଼ାକୁ ପୂଜା କରି ସମାଜର ଶୁଭ ମନାସୀ ଥାଏ। କିଛି ଅସାମଜିକ ତତ୍ୱଙ୍କ ଅନୁପ୍ରବେଶ ଯୋଗୁଁ ମିଳିତ ଭାବେ ଅନୁଷ୍ଠିତ ହୋଇଆସୁଥିବା ଶୁଳିଆ ଯାତ୍ରା ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଏଭଳି ସ୍ଥିତିରେ ସମାଜର ଜ୍ଞାନି, ଗୁଣି ଓ ବୟସ୍କଙ୍କ ଉଦ୍ୟମ କ୍ରମେ ଦୁଇ ଭାଗରେ ବିଭକକ୍ତ ହୋଇଥିବା ଶୁଳିଆ ମହୋତ୍ସବକୁ ୨୦୦୬ ମସିହାରେ ପୁଣୀ ଏକ ମଂଚକୁ ଆଣି ମିଳିତ ଭାବ ମହୋତ୍ସବର ଆୟୋଜନ ହୋଇଥିଲା। ଉକ୍ତ ଦିନ ଠାରୁ ସମାଜ ଏକ ମନ ଏକ ପ୍ରାଣରେ ଶୁଳିଆ ମହୋତ୍ସବକୁ ମିଳିତ ଭାବେ ପାଳନ କରି ଆସୁଥିଲା। କିନ୍ତୁ ଏବର୍ଷ ଲକ୍ଷ୍ମଣ ମେହେର ଶୁଳିଆ ମହୋତ୍ସବ କମିଟିର ଅନିଚ୍ଛା ସତ୍ତ୍ୱେ ଆଦିବାସୀ କନ୍ଧମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବଳ ପୂର୍ବକ ଅନୁପ୍ରବେଶ କରି ସମାଜ ମଧ୍ୟରେ ଫାଟ ସୃଷ୍ଟି କରିବାର ହୀନ ପ୍ରୟାସ କରୁଛନ୍ତି। ଆଠଗାଁ ଜମିଦାର ସହିଦ ଧରମ ସିଂ ମାଝୀ ମାନ୍ଧାତା ସ୍ମୃତି କମିଟିକୁ ହାତ ବାରିସି କରି ଭୀମ ଡୁଙ୍ଗୁରି, ଭୀମ ପାହାଡ଼ ମହୋତ୍ସବ ତଥା ଶୁଳିଆ ମହୋତ୍ସବରେ ଅଯାଚିତ ଭାବେ ପ୍ରବେଶ କରି ଆଦି ସଂସ୍କୃତି ଓ ପରମ୍ପରା, ଭୀମ ବୁଢ଼ାର ଗାଥା ଓ ପ୍ରଥାକୁ ବିଲୋପ କରିବାର ଅପଚେଷ୍ଟା କରୁଛନ୍ତି। କନ୍ଧମାନଙ୍କ ବହୁ ପ୍ରତିକ୍ଷିତ ଶୁଳିଆ ଯାତ୍ରା ସରଳ କନ୍ଧ ଭାଇମାନଙ୍କ ମଧ୍ୟରେ ମମତ ଭେଦ ସୃଷ୍ଟି କରି ଆସନ୍ତ ମହୋତ୍ସବକୁ ବିଭ୍ରାନ୍ତ କରିବାର ଏକ ହୀନ ଉଦ୍ୟମ କରୁଛନ୍ତି। ଦୀର୍ଘ ୧୯ ବର୍ଷ ହେବ ଜଣକ ନେତୃତ୍ୱରେ ଏକତାର ସୁରରେ ବାନ୍ଧି ହୋଇଥିବା ଶୁଳିଆ ଯାତ୍ରାର ଦୁଇ ଖଳାର କନ୍ଧ ଭାଇମାନଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ସୃଷ୍ଟି କରି ଶ୍ରୀ ମେହେର ନିଜ ମନ୍ଦ ଉଦ୍ଦେଶ୍ୟ ସ୍ଥାପନ କରି ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବିଲୋପ କରିବାକୁ ଅପଚେଷ୍ଟା କରୁଛନ୍ତି। ତେଣୁ ଗତ ୨୪/୧୨/୨୪ରେ ଆୟୋଜିତ ଏକ ମିଳିତ ବୈଠକରେ ଶହିଦ ଧରମ ସିଂ ମାଝୀ ମାନ୍ଧାତା ସ୍ମୃତି କମିଟି, ଭୀମ ପାହାଡ଼ ମହୋତ୍ସବ ଓ ଶୁଳିଆ ମହୋତ୍ସବ ଭଳି କନ୍ଧମାନଙ୍କ ପରମ୍ପରା ଓ ଯାନିଯାତ୍ରା ପାଳନ କ୍ଷେତ୍ରମାନଙ୍କରେ ଶ୍ରୀ ଲକ୍ଷ୍ମଣ ମେହେରଙ୍କୁ ବାଦ୍‌ଦେବା ସହ ତାଙ୍କ ଅନୁପ୍ରବେଶକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନକୁ ଦାବି କରାଯାଇଛି।

# ବାରବାଟି ଶ୍ରୀରାମ କ୍ଲବର ଏକ ବିଶାଳକାୟ ଗେଟ୍‌ର ଉଦ୍‌ଘାଟନ



ବାଲେଶ୍ୱର , ୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟି ଗ୍ରାମରେ ଶ୍ରୀରାମ କ୍ଲବ ରେ ଏକ ବିଶାଳ କାୟ ଗେଟ ର ଶ୍ରୀଯୁକ୍ତ ସୁରଜିତ ଦେବଙ୍କ ଅଧ୍ୟକ୍ଷତାରେ ୩ ତାରିଖ ଦିନ ୧୦ ଟାରେ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଫିତା କାଟି ଉଦଘାଟନ କରିଥିଲେ। ବିଜେପି ଯୁବନେତା, ସମାଜ ସେବୀ ଗୌରାଙ୍ଗ ଦାସ, କାଉନସିଲର ନିତ୍ୟ ଗୋପାଳ ସିଂ, ୨୪ ନମ୍ବର ୱାର୍ଡର ୱାର୍ଡ ସଭାପତି ଅଶୋକ ଦାସ, ପୂର୍ବତନ କାଉନସିଲର ହରେନ୍ ରଣା, ସମାଜ ସେବୀ ବିକ୍ରମ ଜିତ୍ କର, ବିଜେପି ନେତ୍ରୀ ଆଶା ଲତା ବାଡି, ମମତା ବେହେରା, ମଞ୍ଜୁଲତା ମହାଲିକ, ସୂର୍ଯ୍ୟ ମଣି ରଣା, ଝୁଣୁ ରଣା, ଟୁନୁ ସାହୁ , ସମାଜ ସେବୀ ସୁରଞ୍ଜନ କର, ସନ୍ଦିପ୍ତ ସାମନ୍ତ, ନିରଞ୍ଜନ ମାଝି, ଜିତେନ୍ଦ୍ର ଖିଲାର, ରମାକାନ୍ତ ବାରିକ, ସୁରେନ୍ଦ୍ର ମାଝି, ଶତ୍ରୁଘନ ବେହେରା, ଉମା କାନ୍ତ ରଣା, ଶୁଶାନ୍ତ ବାରିକ, ଜୟନ୍ତ କର, ଯୋଗେନ୍ଦ୍ର ଖିଲାର, ଅଜୟ କୁମାର ରଣା, ସଞ୍ଜୀବ କୁମାର ମହାରଣା, ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶ୍ରୀରାମ କ୍ଲବ ର ସବୁ ଯୁବଗୋଷ୍ଠୀ ଉଦଘାଟନ ପରିଚାଳନାରେ ସହଯୋଗ କରିଥିଲେ।

# ପିଏମ ଶ୍ରୀ ଜବାହରଲାଲ ନବୋଦୟ ବିଦ୍ୟାଳୟରେ ବାର୍ଷିକ ସମାରୋହ ଅନୁଷ୍ଠିତ

ବେତନଟୀ, ୩/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ଶାଳବଣିସ୍ଥିତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାରୋହ ଶୁକ୍ରବାର ଅପରାହ୍ଣ ଦୁଇଟାରେ ଆୟୋଜିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଜୟରାମ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ସାହି ନିର୍ବାଚନମଣ୍ଡଳୀର ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ବାରିପଦା ସଦର ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ତହସିଲଦାର ସୁରଥଚନ୍ଦ୍ର ରାଉତ, ଶିକ୍ଷାନୁଷ୍ଠାନର ଉପାଧ୍ୟକ୍ଷ ମୋହନଦାସ ଗିରି ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସିନ ଥିଲେ। ଅତିଥି ଅଧିକାରୀଗଣ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାର୍ଷିକ ଉତ୍ସବର ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ।ସମୟର ସଦୁପଯୋଗ ସହିତ ଭବିଷ୍ୟତରେ ନିଜକୁ ଜଣେ ଜଣେ ଉତ୍ତମ ଚରିତ୍ରବାନ ତଥା ଦାୟିତ୍ୱବାନ ନାଗରିକ ଭାବରେ ଦେଶସେବାରେ ନିୟୋଜିତ ହେବାକୁ ମଞ୍ଚାସିନ ଅତିଥି ଅଧିକାରୀଗଣ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରିଚାଳନାରେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।ଇତି ଅବସର ରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସାମ୍ବାଦିକ ମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଅର୍ଦ୍ଧନିଦ୍ରା ଅବସ୍ଥାରେ ଅଛି ବିଜେଡି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୩/୧ (ନି.ପ୍ର): ଦରଦାମ୍ ବୃଦ୍ଧି ପ୍ରତିବାଦରେ ଆସନ୍ତା ୬ ତାରିଖରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ପ୍ରସଙ୍ଗରେ ଜବାବ ରଖିଛନ୍ତି ଯୋଗଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି ଗତ ୨୪ ବର୍ଷ ଭିତରେ ବିଜେଡି କେବେ ବୁଲିନଥିଲେ କି ଲୋକଙ୍କ ପାଖକୁ ଯାଇନଥିଲେ। ନୂଆ ନୂଆ ଅଭ୍ୟାସ କରନ୍ତୁ। ଆମ ସରକାର ଲୋକଙ୍କର। ଆମେ ଆସିବା ପରେ ଗୋଟେ ଗୋଟେ ବଡ଼ ପଦକ୍ଷେପ ନେଇଛନ୍ତି। ସେମାନେ ଭାବୁଛନ୍ତି ରାତି ଅଧରେ ଶିକା ଛିଡ଼ିଯିବ । ସେଥିପାଇଁ ବେଶି ବ୍ୟସ୍ତ ହୋଇପାରିଛନ୍ତି। ତେଣୁ ବିରୋଧୀଦଳ ହିସାବରେ ସେମାନେ ଆନ୍ଦୋଳନ କରିବା କଥା। ଏବେ ସେମାନେ ବୁଲନ୍ତୁ। ତାଙ୍କ ସମୟରେ ଦରଦାମ୍ ବି କମ ନଥିଲା। ସେମାନଙ୍କ ସମୟରେ ଆଳୁ ପିଆଜ ପ୍ରଡକ୍ସନ ନଥିଲା। ଆମେ ଚାହୁଁଛୁ ଦରଦାମ୍ କମାଇବା ପାଇଁ। ଆମେ ପ୍ରଡକ୍ସନ ଉପରେ ଧ୍ୟାନ ଦେଉଛୁ। ବିଜେଡି ଅର୍ଦ୍ଧନିଦ୍ରା ଅବସ୍ଥାରେ ଅଛନ୍ତି।

# ବାଲେଶ୍ୱର ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ ୨୦୨୫




ବାଲେଶ୍ୱର , ୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲିଆରେ ଥିବା ପାଣି ପଞ୍ଚାୟତ ଅଫିସରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁଣ୍ଡା ପୌରହିତ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରାର୍ଥୀ ଶ୍ରୀଯୁକ୍ତ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ଫିତା କାଟି ପାଣି ପଞ୍ଚାୟତ ଉତ୍ସବ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ , ବସ୍ତା ବିଧାୟକ ସୁବାସିନୀ ଜେନା , ଜିଲ୍ଲାପାଳ , ଜିଲ୍ଲାପରିଷଦ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଯୁବନେତା ଗୌରାଙ୍ଗ ଚନ୍ଦ୍ର ଦାସ, କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ, ନିର୍ବାହୀ ଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ଦେଙ୍କ ଯୋଗ ଦେଇଥିଲେ। ଏହି ଉତ୍ସବରେ ମଞ୍ଚ ଆମନ୍ତ୍ରଣ କରିଥିଲେ ଇଂ ରାମ ନାରାୟଣ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ ସଂଗୀତା ବାଳା ମହାନ୍ତି। ଅତିଥି ମାନେ ତାଙ୍କ ବକ୍ତବ୍ୟରେ ସରକାରଙ୍କ ବିକାଶ ମୂଳକ ଯୋଜନାକୁ କିପରି ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଉତ୍ସବ ର ମୂଳ ଲକ୍ଷ ଲୋକେ ପାଣିପଞ୍ଚାୟତ ଜରିଆରେ ସହଜ ଓ ସୁଲଭ ମୂଲ୍ୟରେ ଚାଷ ଜନିତ ସମସ୍ତ ସୁବିଧା ପାଇଁ ଚାଷ ବାସ କରି ଲାଭ ବାନ୍ ହେବେ ଓ ନିଜର ଗୁଜୁରାଣ ମେଣ୍ଟାଇବେ । ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଙ୍କିତା ନାୟକ ଧନ୍ୟବାଦ୍ ଦେଇଥିଲେ।ଓ ଉଠା ଜଳ ସେଚନ ବିରାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରେମାନନ୍ଦ ପଣ୍ଡା , ଇଂ ରିତିସା ସାହୁ , ଇଂ ଜଳନ୍ଧର ଦାସ ,ଇଂ ଗୌରାଙ୍ଗ ଚରଣ ଦାସ , ଇଂ ବେଣୁଧର ଦାସ , ଇଂ କୁଳମଣି ନାୟକ,ଇଂ ଦିବ୍ୟ ରଞ୍ଜନ ପଣ୍ଡା , ଇଂ ସ୍ୱାଗତ ସମ୍ମିତ ପଟ୍ଟନାୟକ , ସରୋଜ ମାଝି , ଶୋଭନ କୁମାର ଖିଲାର , ଚନ୍ଦନ ଦାସ , ପୁଷ୍ପଲତା ବେହେରା , ଜିତେନ୍ଦ୍ର ମଲ୍ଲିକ ପାଣି ପଞ୍ଚାୟତ ର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ନବବର୍ଷ ଉତ୍ସବ ପାଳିତ



ବାସୁଦେବପୁର, ୩/୧ (ନି.ପ୍ର): ବାସୁଦେବପୁର ବାଲି କଲୋନୀ ଠାରେ ଶିବଜ୍ୟୋଟି ଭବନ ପରିସରରେ ପ୍ରଜା ପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନବ ବର୍ଷ ଉତ୍ସବ ୨୦୨୫ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବି କେ ପ୍ରତିମା ଭଉଣୀ, ବି କେ ଜ୍ୟୋସ୍ନା ଭଉଣୀ, ବି କେ ଗଦାଧର ଭାଇ , ବି କେ ସନ୍ଧ୍ୟା ଭଉଣୀ, ବି କେ ରଥି ଭାଇ, ସୁବାସ ସାର୍ ଓ ଅନ୍ୟ ଭାଇ ଭଉଣୀ ଯୋଗ ଦେଇଥିଲେ ଏବଂ ସମସ୍ତେ ପରସ୍ପର ଙ୍କୁ ନୂତନ ବର୍ଷ ୨୦୨୫ ର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଏହି ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନ ପକ୍ଷରୁ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଙ୍କୁ ବିଧାୟକ ଙ୍କ ବାସ ଭବନ ପରିସରରେ ଭାଇ ଭଉଣୀ ମାନେ ଉପହାର ଦେଇ ଓ ଫୁଲ ତୋଡା ଦେଇ ନୂତନ ବର୍ଷ ର ଅଭିନନ୍ଦନ ଜଣାଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ । ଏହି ନୂତନ ବର୍ଷ ରେ ପୃଥିବୀର ସମସ୍ତ ଭାଇ ଭଉଣୀ ମାନେ ସୁଖ ଶାନ୍ତି ଓ ଆନନ୍ଦ ରେ ରୁହନ୍ତୁ ବୋଲି ଭାଇ ଭଉଣୀ ମାନେ ଭଗବାନଙ୍କ ଠାରେ ପ୍ରାର୍ଥନା କରିଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: **CW-MHK-24-25- 1** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ତରଫରୁ Dy ମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର୍ (ଗାଡି ୱାର୍କସ୍), ଖଡ଼ଗପୁର କର୍ମଶାଳା, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରେ: **କାର୍ଯ୍ୟର ନାମ:** ଦୋକାନ ଚଟାଣର ମେକାନାଇଜଡ୍ ହାଉସକିପିଂ କାର୍ଯ୍ୟକଳାପ, ଦୋକାନ କାର୍ଯ୍ୟାଳୟ, ନିୟମିତ ସର୍ଟିଂ, ଲୋଡିଂ, ଅନଲୋଡିଂ ଏବଂ ଅଣ-ଧାତବ ଶୂନ ମୂଲ୍ୟର ପରିଚାଳନା । ବାହ୍ୟ ଏଜେନ୍ସି ଦ୍ୱାରା ରଥ ଦୋକାନର ବିଭିନ୍ନ ସ୍ଥାନରୁ ସ୍କ୍ରାପ୍ ଏବଂ ଫେରୁସ୍ ଏବଂ ଅଣ-ଫେରୁସ୍ ସ୍କ୍ରାପ୍ । **କାର୍ଯ୍ୟ ସ୍ଥାନ:** ଖଡ଼ଗପୁର କର୍ମଶାଳା, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର, ଡିଷ୍ଟ-ପାଶିମ୍ ମିଡନାପୁର, ପିନ୍ - ୭୨୧୩୦୧ । **ପରିମାଣ:** ୧୨ ମାସ । **ଟେଣ୍ଡର ମୂଲ୍ୟ:** ୯୩,୦୪,୧୯୪.୭୬ ରୋଜଗାରର ଅର୍ଥ: ୧,୮୬,୧୦୦ / -। **ଚୁକ୍ତିନାମା ସମୟ:** LOA ପ୍ରଦାନ ତାରିଖ ଠାରୁ ୧୨ ମାସ । **ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ:** ୩୧.୦୧.୨୦୨୫, ୧୫.୦୦ ଘଣ୍ଟା । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** NIL । **ବିଡିଂ ସିଷ୍ଟମ୍:** ଦୁଇଟି ପ୍ୟାକେଟ୍ ସିଷ୍ଟମ୍ । **ଚୁକ୍ତିନାମା ପ୍ରକାର:** ସେବା । ଇ-ପୋର୍ଟାଲ୍ ୱେବସାଇଟ୍ **https://www.ireps.gov.in** ରେ ଟେଣ୍ଡର ନୋଟିସ୍ ଏବଂ ଟେଣ୍ଡର ଡକ୍ୟୁମେଣ୍ଟ୍ ଉପଲବ୍ଧ ।
**(PR-975)**

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ବାରିପଦା, ୩/୧ (ନି.ପ୍ର): ଚାଷ ହେଉଛି ମୟୂରଭଞ୍ଜର ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ମୟୂରଭଞ୍ଜର ଜନସାଧାରଣ ବିଶେଷ ଭାବରେ 'ଅନ୍ନଦାତା'ଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଦିନ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ଛଉ ପଡିଆ ଠାରେ ଉଦ୍ଘାଟିତ ହୋଇଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଜିଲ୍ଲାସ୍ତରୀୟ ମେଳାର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ଲୋକସଭା ଶ୍ରୀ ନବଚରଣ ମାଝୀ ମୁଖ୍ୟ ଅତିଥି ରପରେ ଯୋଗଦାନ କରି ଏହି ମେଳାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ସାରସକଣା, ଶ୍ରୀ ଭାଦବ ହାଁସଦା, ନଗରପାଳ, ବାରିପଦା ପୌରପାଳିକା, ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଜ୍ଞାନ ବଲ୍ଲଭ ଦାସ, କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ମଂଚାସୀନ ଥିଲେ। "ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ୨୦୨୫-୨୬" ରେ ମାନ୍ୟବର ସଂସଦ ଶ୍ରୀ ମାଝୀ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ କରିଛନ୍ତି । ବିଭିନ୍ନ ରକମର ଚାଷ କରୁଥିବା ଚାଷୀ, ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମୟୂରଭଂଜ ସମେତ ଓଡ଼ିଶାର ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରଛନ୍ତି । ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଚାଷୀମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି । ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି । ମୟୂରଭଂଜ ଜିଲ୍ଲାରେ ଅଧିକ ଧାନ କିଣାଯିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସୁଭଦ୍ରା ଯୋଜନାରେ ମାଆ ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି ବୋଲି ଶ୍ରୀ ମାଝୀ ନିଜ ବକ୍ତବ୍ୟରେ କହିଛନ୍ତି। ନିଜ ଅଭିଭାଷଣରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦାସ କହିଥିଲେଯେ ଚାଷ ସମେତ ମୟୂରଭଂଜରେ ସବାଇଘାସ, ଷ୍ଟ୍ରବେରି ଓ ଅନ୍ୟାନ୍ୟ କୁଟୀର ଶିଳ୍ପସମୂହ ଅଛି । ମୟୂରଭଂଜକୁ ଆଧୁନିକ କୃଷି ଅର୍ଥନୀତି ଭାବେ ଗଢିତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ସୁନ୍ଦର, ସମୃଦ୍ଧ ଏବଂ ସମ୍ପନ୍ନ ସମ୍ବଲପୁର ତିଆରି କରିବା ଆମର ଲକ୍ଷ୍ୟ ରହିଥିବା ବେଳେ ଚାଷ ଏହାର ମୂଳଦୁଆ ଭାବେ କାମ କରିବ । ଚାଷୀ, ମହିଳା, ଯୁବ, ପଛୁଆ ବର୍ଗର ଲୋକମାନେ ଏ ସବୁ କ୍ଷେତ୍ରରେ ନେତୃତ୍ୱ ନେବେ ବୋଲି ସେ କହିଛନ୍ତି । ୪ଦିନ ଦିବସ-ସନ୍ଧ୍ୟା ବ୍ୟାପି ହେବାକୁ ଥିବା ଏହି ମେଳାରେ ୩୦ଟି ଷ୍ଟଲରେ କୃଷି ଯନ୍ତ୍ରପାତି ବିକ୍ରୟ ହେବା ସହିତ ପ୍ରତ୍ୟେକ ଦିନ ଚାଷୀ ଭାଇ ଭଉଣୀ ମାନଙ୍କ ନିମନ୍ତେ ବୈଷୟିକ ଜ୍ଞାନ ଚକ୍ର ଆୟୋଜନ ହେବାର ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ବ୍ୟବସ୍ଥା କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଚାଷରେ ସଫଳତା ପାଇଥିବା ଚାଷୀ ମାନଙ୍କୁ ଜିଲ୍ଲା କୃଷି ଅନୁଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରାକ୍ଷୀ ପାଣି, ପ୍ରଫୁଲ୍ଲ ମଦୁଆଳ, ମନୋରଞ୍ଜନ ରାଉତ, ଭାଗବତ ପତ୍ର ଓ ରଂଜିତା ଗିରି ପ୍ରମୁଖ ମୁଖ୍ୟ ଅତିଥିଙ୍କ ପାଖରୁ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଉପନିର୍ଦ୍ଦେଶିକା ସୁଶ୍ରୀ ମଧୁସ୍ମିତା ଜେନା ମଂଚ ପରିଚାଳନା କରିକହିଥବା ବେଳେ, ଅତିରିକ୍ତ କୃଷି ଅଧିକାରୀ ଶ୍ରୀ ସୁଧାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ୮୦୦ ରୁ ୧୦୦୦ ଜଣ ଚାଷୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଦିନିଆ ବର୍ଷାକୁ ....

ଅଧିକ ଫସଲ ନଷ୍ଟ ହୋଇଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବ୍ୟତୀତ ଯେଉଁ ଚାଷୀମାନେ କପା ଓ ପନିପରିବା ଚାଷ କରିଛନ୍ତି ଓ ଭାଗ ଚାଷୀ ସେମାନଙ୍କୁ ମଧ୍ୟ ସହାୟତା ଦେବାକୁ ସରକାର ପଦକ୍ଷେପ ନେଇଛନ୍ତି। ଚାଷୀମାନେ କ୍ଷତିପୂରଣ ଆକାରରେ ଏହି ୨୯୧.୫୯କୋଟି ଟଙ୍କାର ଆର୍ଥିକ ସହାୟତା ପାଇବେ । ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୨ଲକ୍ଷ ୬୧ହଜାର ଚାଷୀଙ୍କ ଆବେଦନ ସରକାରଙ୍କ ହସ୍ତଗତ ହୋଇଛି ।ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଜିଠାରୁ ଡିବିଟି ମାଧ୍ୟମରେ କ୍ଷତିପୂରଣ ପ୍ରଦାନ କରାଯାଉଛି । ସବୁ ବୀମାଭୁକ୍ତ ଚାଷୀମାନଙ୍କୁ ଆବେଦନ କରିବାର ସୁଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇ ଏହି ଆବେଦନ ସମୟକୁ ୩ଦିନ ବୃଦ୍ଧି କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଚଳିତ ରିଲିଫ କୋଡ୍ ପ୍ରାବଧାନ ଆଧାରରେ ' ପ୍ରାକୃତିକ ଦୁର୍ବିପାକ' ତାଲିକାରେ ଅଦିନିଆ ବର୍ଷା ସାମିଲ ନଥିଲା । କିନ୍ତୁ ରାଜ୍ୟର ଚାଷୀମାନଙ୍କ ବ୍ୟାପକ ଫସଲ କ୍ଷତି ଓ ସେମାନଙ୍କର ଦାବିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କୁ ଏସଡିଆରଏଫ ପାଣ୍ଠିରୁ ଆବଶ୍ୟକ ପରିମାଣର କ୍ଷତିପୂରଣ ପ୍ରଦାନ କରିବା ପାଇଁ 'ଅଦିନିଆ ବର୍ଷା'କୁ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି । ଏହି ଅଦିନିଆ ବର୍ଷା କ୍ଷୟକ୍ଷତି ସ୍ଥିତିର ଅନୁଧ୍ୟାନ ପାଇଁ ମନ୍ତ୍ରୀମାନଙ୍କୁ ୧୬ଟି ଜିଲ୍ଲାକୁ ପଠାଯାଇଥିଲା । ଜିଲ୍ଲାପାଳମାନଙ୍କୁ ମଧ୍ୟ ଏହି କ୍ଷୟକ୍ଷତି ରିପୋର୍ଟ ମଗାଯାଇଥିଲା । ସେସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚାଷୀମାନଙ୍କ ସହ ସରକାର ସବୁସମୟରେ ଅଛନ୍ତି ଓ ରହିବେ । ଇନପୁଟ ସବସିଡି ସହିତ ଆଉ କେଉଁ ପ୍ରକାରର ସହାୟତା ପ୍ରଦାନ କରାଯାଇ ପାରିବ ସେ ଦିଗରେ ରାଜ୍ୟ ସରକାର ବିଚାର କରୁଛନ୍ତି ।

## 'ସୁଭଦ୍ରା'କୁ ନେଇ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ବିଭିନ୍ନ ବିଭାଗର ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମୋହର ମିଳିଛି । ତା'ମଧ୍ୟରୁ କୃଷି ଉଦ୍ୟୋଗୀଙ୍କୁ ଆସନ୍ତା ୫ ବର୍ଷ ପାଇଁ ରୋଜଗାର ଏବଂ ଋଣ ଦେବା ପାଇଁ ୮୭୪.୧୪ କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ ଅନୁମୋଦନ ମିଳିଛି । ସେହିପରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର-ମାଗଣା ବିଜୁଳି ଯୋଜନା ପାଇଁ ୩୦ ହଜାର ଟଙ୍କା କେନ୍ଦ୍ର ସରକାର ସବସିଡି ଦେଉଥିବାବେଳେ ରାଜ୍ୟ ସରକାର ୨୫ ହଜାର ଟଙ୍କା ଅତିରିକ୍ତ ସବସିଡି ଦେବେ ବୋଲି ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି । ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ବ୍ୟାଙ୍କ ଋଣ ପାଇଁ ସରକାରୀ ଗ୍ୟାରେଣ୍ଟି ବ୍ୟବସ୍ଥା ଲାଗୁ କରିବା ପ୍ରସ୍ତାବକୁ ବି ମଞ୍ଜୁରୀ ମିଳିଛି ।

## ୫ ପରେ କମିବ...

ତା'ପର ଦିନଠାରୁ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସେହିପରି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ତାଙ୍କ ଏକ୍ସରେ କରିଥିବା ଏକ ପୋଷ୍ଟରେ ଲେଖିଛନ୍ତି ଯେ ୪ ତାରିଖରୁ ଉତ୍ତର-ପଶ୍ଚିମ ଭାରତରେ ପ୍ରଭାବ ପକେଇବାକୁ ଥିବା ପଶ୍ଚିମା ଝଡ଼ ପ୍ରଭାବରେ ଦେଶର ମଧ୍ୟ ଭାଗରେ ସକ୍ରିୟ ଗୁରୁଚାପ ବଳୟର ସ୍ଥିତି ପରିବର୍ତ୍ତନ ହେତୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବା ଉତ୍ତର/ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଦୁର୍ବଳ ହେବା ସହ ଏକ ପୂର୍ବାଳୀ ନିମ୍ନଚାପ ରେଖା ପ୍ରଭାବରେ ୬ ତାରିଖଠାରୁ ରାଜ୍ୟ ମଧ୍ୟକୁ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହର ପ୍ରାଧାନ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୫ ତାରିଖ ପରଠାରୁ ରାତ୍ରି ତାପମାତ୍ରା ବୃଦ୍ଧି ସହ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସବୁଠୁ ଅଧିକ ଶୀତ ରାଉରକେଲା ସହରରେ ଅନୁଭୂତ ହୋଇଥିଲା। ସେଠାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ମଣପୁରମ୍ ଫାଇନାନ୍ସ ...

ସୁନା ସହ ନଗଦ ୩ ଲକ୍ଷ ଟଙ୍କା ନେଇ ସଂସ୍ଥାରେ ବୁଲାଇଦେଲେ କଳାକନା । ସମ୍ବଲପୁର ଅଇଁଠାପାଲି ଥାନା ବୁଢାରଜା ଅଞ୍ଚଳରେ ଥିବା ମଣପୁରମ୍ ଫାଇନାନ୍ସ ଲିମିଟେଡ୍ ଅଫିସ। ଯେଉଁଠି ଆଜି ସ୍ପଷ୍ଟ ଦିବାଲୋକରେ ହୋଇଛି ଡକାୟତି । ଚୋରି ଗଲା ପରେ ପୋଲିସ ଚଳାଇଛି ଖୋଳତାଡ଼ । ଯାଞ୍ଚ କରୁଛି ସିସିଟିଭି। ଆଇଜି, ଏସପି, ଏସଡିପିଓ ଦଳବଳ ସହ ଚଳାଇଛନ୍ତି ଖୋଳତାଡ଼। ପଚରାଉଚରା କରୁଛନ୍ତି ଜଣଙ୍କ ପରେ ଜଣେ କର୍ମଚାରୀଙ୍କୁ । କିନ୍ତୁ ସକାଳ ଯାଇ ସଞ୍ଜ ବିତିଲାଣି ସିନା ଡକାୟତଙ୍କ ମିଳୁନି ସୁରାଗ୍ । କର୍ମଚାରୀଙ୍କ କହିବା କଥା ସମୟ ସକାଳ ପ୍ରାୟ ୮ଟା ୪୫ ମିନିଟ୍ । ସେମାନେ ପହଞ୍ଚିବା ପୂର୍ବରୁ ହିଁ ଖୋଲା ରହିଥିଲା ସଂସ୍ଥାର ଅଫିସ । ଅର୍ଥାତ ତା'ପୂର୍ବରୁ ପଶିସାରିଥିଲେ ୫ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ । ପହଞ୍ଚିଥିବା କର୍ମଚାରୀଙ୍କୁ କୁଆଡ଼େ ପ୍ରଥମେ ପ୍ରବଳ ମାଡ଼ ମାରିଲେ । ତା'ପରେ ସେଲୋଟେପ୍ ବ୍ୟବହାର କରି ବାନ୍ଧି ପକାଇଥିଲେ। ଆଉ ଲକର ରୁମର ଚାବି ଏବଂ ଲକରର ସିକ୍ରେଟ୍ କୋଡ୍ ମାଗି ଆରାମରେ ଲୁଟପାଟ୍ କରି ଖସି ପଳାଇଥିଲେ । ଡକାୟତମାନେ ହିନ୍ଦିରେ କଥାବାର୍ତ୍ତା କରୁଥିଲେ। କୁହାଯାଉଛି, ଏହି ଲୁଟପାଟବେଳେ ନା ଥିଲେ କୌଣସି ସୁରକ୍ଷା କର୍ମୀ ନା ବାଜିଥିଲା ସାଇରନ୍ । ପୂର୍ବରୁ ହିଁ ଏକପ୍ରକାର ଢିଲା ସୁରକ୍ଷା ବ୍ୟବସ୍ଥାରେ ଚାଲୁଥିଲା ଏହି ଫାଇନାନ୍ସ ସଂସ୍ଥା । ସେଥିପାଇଁ ଲୁଟ୍ ଆଗରୁ ଦୁର୍ବୃତ୍ତ ମାନେ ରେକି କରିଥିଲେ। ପରେ ସମୟ ସୁଯୋଗ ଦେଖି ଆରାମରେ ଲୁଟି ଖସିପଳାଇଲେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲକରରେ ଥିବା ଡମି ସୁନା ବିସ୍କୁଟ୍, ଯେଉଁଥିରେ ଜିପିଏସ୍ ଲାଗିଥାଏ।

## ଶପଥ ନେଲେ ନୂଆ ...

ବିଜେପି ଟିକେଟରେ ୧୬ତମ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୯ରେ ବିଶାଖାପାଟଣା-୧ରୁ ଆସନରୁ ବିଧାୟକ ଥିଲେ ହରିବାବୁ କମ୍ଭମପତି। ୨୦୧୪-୨୦୧୮ ଯାଏଁ ଥିଲେ ଆନ୍ଧ୍ରପ୍ରଦେଶ ବିଜେପିର ରାଜ୍ୟ ସଭାପତି। ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲ୍ଲାରେ ୧୯୫୩ ମସିହାରେ ଜନ୍ମଗ୍ରହଣ କରିଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନରେ ବି-ଟେକ୍ ଡିଗ୍ରୀ ସହ ପିଏଚଡି ହାସଲ କରିଥିଲେ ହରିବାବୁ କମ୍ଭମପତି। ୨୪ ବର୍ଷ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଇଞ୍ଜିନିୟରିଂ କଲେଜରେ ସହକାରୀ ପ୍ରଫେସର ଭାବରେ କାମ କରିଥିଲେ। ଛାତ୍ର ନେତା ଭାବରେ ୧୯୭୨ରେ ଜୟ ଆନ୍ଧ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ। ଜରୁରିକାଳୀନ ସ୍ଥିତି ବେଳେ ଗିରଫ ହୋଇ ୬ ମାସ ଯାଇଥିଲେ ଜେଲ୍। ୧୯୭୭ରେ ଆନ୍ଧ୍ରପ୍ରଦେଶରେ ଜନତା ଦଳର କାର୍ଯ୍ୟକାରୀ ସଦସ୍ୟ ଥିଲେ। ୧୯୭୮ରେ ଜନତା ଦଳର ଆନ୍ଧ୍ରପ୍ରଦେଶ ଯୁବ ମୋର୍ଚ୍ଚା ଉପସଭାପତି ଥିଲେ ହରିବାବୁ କମ୍ଭମପତି। ୧୯୯୩ରୁ ୨୦୦୩ ଯାଏ ସେ ଥିଲେ ଆନ୍ଧ୍ରପ୍ରଦେଶ ବିଜେପିର ସାଧାରଣ ସମ୍ପାଦକ। ୨୦୦୫ରେ ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଥିଲେ ହରିବାବୁ କମ୍ଭମପତି। ୨୦୧୪ରୁ ୨୦୧୯ ଯାଏ ସାସଂଦ ଥିବା ବେଳେ ବିଭିନ୍ନ ସଂସଦୀୟ କମିଟିର ସେ ସଦସ୍ୟ ରହିଥିଲେ।

## ଲଦାଖକୁ ପୁଣି ନିଜର...

କାଉଣ୍ଟୀର କିଛି ଅଂଶ ଲଦାଖ ଭିତରେ ପଡୁଛି। ଭାରତ କେବେ ହେଲେ ଏପରି ବେଆଇନ ଚାଇନିଜ ଦଖଲକୁ ଗ୍ରହଣ କରିପାରିବ ନାହିଁ। ହୋଟାନ ପ୍ରିଫେକଚର ଅଫ ଚାଇନାରେ ୨ଟି କାଉଣ୍ଟୀ ଘୋଷଣା ଖବର ଆମ ପାଖରେ ପହଞ୍ଚିଛି। ନୂଆ କାଉଣ୍ଟୀ ଘୋଷଣା କରିଦେଲେ ଯେ ଉକ୍ତ ଅଞ୍ଚଳରେ ଭାରତର ସାର୍ବଭୌମ ଅଧିକାର ଉପରେ ଏହାର କୌଣସି ପ୍ରକାରର ପ୍ରଭାବ ପଡ଼ିବ ନାହିଁ। କିମ୍ବା ସେହି ଅଞ୍ଚଳକୁ ଚାଇନାର ବଳପୂର୍ବକ ଦଖଲ ପ୍ରକ୍ରିୟାକୁ କେବେ ହେଲେ ଆଇନଗତ ମାନ୍ୟତା ଦେବ ନାହିଁ। ଏ ସମ୍ପର୍କରେ ଭାରତ ପକ୍ଷରୁ କୂଟନୀତିକ ଚ୍ୟାନେଲ ଜରିଆରେ ଚାଇନାକୁ ଅବଗତ କରିଦିଆଯାଇଛି ବୋଲି ସେ କହିଛନ୍ତି। ବ୍ରହ୍ମପୁତ୍ର ପାଣିକୁ ଅଟକାଇବା ପାଇଁ ଚାଇନା ଗୋଟିଏ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ତିଆରି କରୁଥିବା ଖବର ଉପରେ ମଧ୍ୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମତ ରଖିଛନ୍ତି। ଏ ସମ୍ପର୍କରେ ଭାରତ ନିଜ ମତାମତ ଚାଇନାକୁ ଜଣାଇ ସାରିଥିବା ମୁଖପାତ୍ର ଜୈସୱାଲ କହିଛନ୍ତି।

## ଚାଇନାର ନୂଆ...

'ହ୍ୟୁମାନ ମେଟାନ୍ୟୁମୋଭାଇରସ' ବ୍ୟାପୁଥିବା ବିଷୟରେ ଖବର ଆସୁଛି। ମୁଁ ଏହି କଥା ସ୍ପଷ୍ଟ କରିଦେଉଛି। 'ମେଟାନ୍ୟୁମୋଭାଇରସ' ଏକ ସାଧାରଣ ଶ୍ୱାସକ୍ରିୟାଜନିତ ଭାଇରସ୍ ପରି। ଏହା ପ୍ରଭାବରେ ସାଧାରଣ ଥଣ୍ଡା, କାଶ ଓ ଜ୍ୱର ହୋଇଥାଏ। ତେବେ ବୃଦ୍ଧ ଏବଂ ଛୋଟ ପିଲାମାନଙ୍କ ମଧ୍ୟରେ ଏହା ଫ୍ଲୁ ପରି ଲକ୍ଷଣ ସୃଷ୍ଟି କରିପାରେ। ଆମେ ଦେଶରେ ଶ୍ୱାସକ୍ରିୟାଜନିତ ସଂକ୍ରମଣର ତଥ୍ୟ ବିଶ୍ଳେଷଣ କରିଛୁ। ଗତ ଡିସେମ୍ବରରେ ଆମ ଦେଶରେ ଶ୍ୱାସଜନିତ ସଂକ୍ରମଣରେ ସେଭଳି ଉଲ୍ଲେଖନୀୟ ବୃଦ୍ଧି ଘଟିନାହିଁ। ତେବେ ସେ ଲୋକଙ୍କୁ ସଚେତନ କରିବାକୁ ଯାଇ କହିଛନ୍ତି, 'ମୁଁ ଜନସାଧାରଣଙ୍କୁ ଗୋଟିଏ କଥା ଜଣାଇବାକୁ ଚାହୁଁଛି ଯେ ସମସ୍ତ ଶ୍ୱାସକ୍ରିୟାଜନିତ ସଂକ୍ରମଣକୁ ଏଡ଼ାଇବା ପାଇଁ ସାଧାରଣ ସତର୍କତା ଅବଲମ୍ବନ କରନ୍ତୁ। ଅର୍ଥାତ୍ ଯଦି କାହାକୁ କାଶ ଏବଂ ଥଣ୍ଡା ଲାଗିରହିଛି, ତେବେ ଆପଣ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସନ୍ତୁନାହିଁ।

## କାହା ସୁରକ୍ଷାରେ ଅଛନ୍ତି ...

ସେତେବେଳେ ଆଇଏଏସ୍ ଅନୁ ଗର୍ଗ ବିଭାଗୀୟ ସଚିବ ଭାବେ ତାଙ୍କ ସହ ରହୁଥିଲେ । ଶ୍ରୀମତୀ ଗର୍ଗ ୨୦୨୦ ଜୁଲାଇ ମାସରୁ ଏହି ବିଭାଗର ଦାୟିତ୍ୱରେ ଅଛନ୍ତି । ବିଜେପି ସରକାର ଆସିବା ପରେ ମଧ୍ୟ ତାଙ୍କ ଗାଦି ୭ମାସ ହେଲା ସୁରକ୍ଷିତ ରହିଛି । ସେହିପରି 'ନୂଆ ଓ ଓଡ଼ିଶା' ଭଳି ଏକ କାର୍ଯ୍ୟକ୍ରମ ମାଧ୍ୟମରେ ପାଖାପାଖି ହଜାରେ କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିଦେଲେ ପାଣ୍ଡିଆନ । ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲା । ସେହି ଯୋଜନାକୁ ନେଇ ତତକାଳୀନ ବିରୋଧୀ ଦଳ ବିଜେପି ବେଶ୍ ହୋ-ହାଲ୍ଲା କରିଥିଲା । କିନ୍ତୁ ଏବେ ଶ୍ରୀ ଅଗ୍ରୱାଲ ଉକ୍ତ ବିଭାଗରେ ଅଛନ୍ତି, ଆଉ ପାଣ୍ଡିଆନଙ୍କ ଶାସନରେ ସେହି ଯୋଜନା ଅର୍ଥ ସଠିକ୍ ଢଙ୍ଗରେ ହୋଇଥିଲା କି ନାହିଁ ତା'ର ଖୋଳତାଡ଼ ମଧ୍ୟ ହେଉନାହିଁ । ସେହିପରି 'ଲକ୍ଷ୍ମୀ ବସ୍ ?' ଯୋଜନା ନାଁରେ ରାଜକୋଷରୁ ପ୍ରାୟ ୨ହଜାର କୋଟି ଟଙ୍କା ବ୍ୟୟ କରାଗଲା । ଏହି ଯୋଜନାକୁ ତତକାଳୀନ ବିଜେଡି ସରକାର ନିଜର ରାଜନୀତିକ ପ୍ରଚାର ଉଦ୍ଦେଶ୍ୟରେ ଉପଯୋଗ କଲା ।

ଶନିବାର, ଜାନୁଆରୀ ୦୪, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ହାଡ଼ିଆଡିହା ଶିବମୁନି ଯୋଗ ଶିକ୍ଷା କେନ୍ଦ୍ରରେ ଶୁଭ ଜନ୍ମଦିନ ପାଳନ

ରୁପସା , ୩/୧ (ନି.ପ୍ର): ହାଡିଆଡିହା ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମା ନନ୍ଦ ମୁନିଜୀଙ୍କ ଅଧ୍ୟକ୍ଷତାରେ, ତାଙ୍କ କନିଷ୍ଠ ଦୁହିତା ମୁନିମତୀ ଆୟୁଷ୍ମତୀ ସନ୍ତୋଷିନୀ ବାରିକପଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରାଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ଜୟ ଶ୍ରୀଜୟ ନନ୍ଦିନୀର ଷଷ୍ଠ ଶୁଭ ଜନ୍ମ ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିରାଜ୍ଞୀ ସୁମତୀଦଳାଇ, ଯୋଗସାଧିକା ବାସନ୍ତୀ ମାହାଳିକ, ମୁନିମତୀ ଯମୁନା ପାତ୍ର, ମୁନିମତୀ ଜାହ୍ନବୀ ଗିରି, ମୁନିମତୀ କୈକଇ ଜେନା, ମୁନିମତୀ କୁନୀ ମାଝୀ, ମୁନିମତୀ ପୂର୍ଣ୍ଣିମା ବର, ମୁନିମତୀ ଉର୍ମୀଳା ରାଉଳ, ମୁନିମତୀ ମିନତୀ ବର, ମୁନିକୁମାରୀ କଳ୍ପନା ବର, ମୁନି କୁମାରୀ ସଂଯୁକ୍ତା ବର, ମୁନି ସତ୍ୟ ସେନାପତି ପ୍ରମୁଖ । ପ୍ରଥମେ ସମୂହ ପ୍ରାଣବ ଶୁଭ ଭାବନା ବେଦପାଠ ଶାନ୍ତି ପାଠ କରାଯାଇ,ମୁନିକୁମାରୀ ଜୟଶ୍ରୀ ଜୟ ନନ୍ଦିନୀଙ୍କୁ ତାଙ୍କର ନିରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଶେଷରେ ମୁନି ଜଗବନ୍ଧୁବର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାମ୍ର ସୁସ୍ୱାଦୁ ସ୍ୱାଦିଷ୍ଟ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ । ।



## ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା: ୧ଗୁରୁତର

ବସ୍ତା, ୩/୧ (ନି.ପ୍ର): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ରୁପସା ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ଘଟି ଜଣେ ଗୁରୁତର ହୋଇଛନ୍ତି ।ସୂଚନା ଅନୁସାରେ ଓଡ଼ି ୦୧ଏଜେ ୬୯୪୪ ନମ୍ବର ବିଶିଷ୍ଟ ଏକ ବାଇକ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଭୁଲ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ବାଇକ( ଓଡ଼ି ୦୧ଏପି ୭୬୨୩) ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଫଳରେ ବିପରୀତ ଦିଗରୁ ଆସୁଥିବା ବାଇକ ଚାଳକଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ପଛରେ ବସିଥିବା ଅନ୍ୟଜଣ ସମେତ ଅନ୍ୟ ବାଇକ ଚାଳକ ମଧ୍ୟ ଆହତ ହୋଇଥିଲେ ।ଆହତ ମାନଙ୍କୁ ରୂପସା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗୁରୁତର ଥିବା ବାଇକ ଚାଳକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ରୂପସା ପୁଲିସ ପହଞ୍ଚି ୨ଟି ବାଇକକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି ।

## ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଭଦ୍ରକ, ୩/୧ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଏକମାତ୍ର ଓ ଶେଷ ୪ର୍ଥ ଶ୍ରେଣୀ କର୍ମଚାରୀ ରୂପେ କାର୍ଯ୍ୟରତ ଥିବା ସୁରେଶ ଚନ୍ଦ୍ର ତ୍ରିପାଠୀ ଗତ ଡ଼ିସେମ୍ବର ୩୧ରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ରାଷ୍ଟ୍ରୀୟ ଶୋକ ଘୋଷଣା ବଳବତ୍ତର ଥିବାରୁ ତାଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟ ଜାନୁୟାରୀ ୩ ତାରିଖ ଶୁକ୍ରବାର ଦିନ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ଅନ୍ୟତମ ବରେଣ୍ୟ ଅତିଥି ଭାବେ ଏହି କାର୍ଯ୍ୟାଳୟର ପ୍ରାକ୍ତନ ତିନି ଡ଼ି.ଆଇ.ପି.ଆର୍.ଓ., ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ, ଚନ୍ଦ୍ରକାନ୍ତ ନାୟକ, ପ୍ରାକ୍ତନ ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ଡ଼ି.ଆଇ.ପି.ଆର୍.ଓ ହରମୋହନ ଜେନା ଓ ସାଳନ୍ଦୀ ସମାଚାରର ସମ୍ପାଦକ ରୂପକ ବିହାରୀ ରାୟ ପ୍ରମୁଖ ଯୋଗ ଦେଇ ବିଦାୟୀ ବ୍ୟକ୍ତି ଶ୍ରୀଯୁକ୍ତ ତ୍ରିପାଠୀଙ୍କ କର୍ମନିଷ୍ଠା ଓ ଆଜ୍ଞବହତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ତାଙ୍କ କାର୍ଯ୍ୟକାଳରେ ତାଙ୍କର କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ଶିଷ୍ଟ ବ୍ୟବହାର କିପରି ତାଙ୍କୁ ସର୍ବାଦୃତ କରିପାରିଛି ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଗଣମାଧ୍ୟମ ପ୍ରତିନିଧି, ପ୍ରଗତି ପାଠକ ଚକ୍ରର କର୍ମକର୍ତ୍ତା ଓ ସଦସ୍ୟ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏହି ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀଯୁକ୍ତ ତ୍ରିପାଠୀଙ୍କ ଆକର୍ଷଣୀ ବ୍ୟକ୍ତିତ୍ୱ ସମ୍ବନ୍ଧରେ ମତାମତ ରଖିଥିଲେ । ବିଭାଗୀୟ କାର୍ଯ୍ୟାଳୟ ତରଫରୁ ମାନପତ୍ର ଓ ଉପଢ଼ୌକନ ଏବଂ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ତରଫରୁ ମଧ୍ୟ ଉପଢ଼ୌକନ ପ୍ରଦାନ କରାଯାଇଥିଲା ।



## ବାଘମରା ଚୋରାପଥର ଖାଦାନରେ ଗଚ୍ଛିତ ପଥରକୁ ନିଲାମ କଲା ନୀଳଗିରି ପ୍ରଶାସନ



ନୀଳଗିରି, ୩/୧ (ନି.ପ୍ର): ଗତ ୩ଦିନ ତଳେ ବାଘମରା ପଥରଖାଦାନରେ ବେନିୟମ ଭାବେ ଉତ୍ତୋଳନ ହୋଇରହିଥିବା ଗଚ୍ଛିତ ପଥରକୁ ନୀଳଗିରି ପ୍ରଶାସନ ତରଫରୁ ସିଜ କରାଯାଇ ପ୍ରକାଶ୍ୟରେ ନିଲାମ ପାଇଁ ନୋଟିସ କରିଥିଲା । ଶୁକ୍ରବାର ଅପରାହ୍ନ ୩ଘଟିକା ସମୟରେ ନିଲାମ ପ୍ରକ୍ରିୟା କରାଯାଇଥିଲା । ନିଲାମ ବେଳେ ୬ ଜଣ ନିଲାମଧାରୀ ଉପସ୍ଥିତ ଥିବାବେଳେ ସର୍ବୋଚ୍ଚ ୬ଲକ୍ଷ ୫୦ହଜାର ଟଙ୍କାକୁ ନିଲାମ ନେଇଥିଲେ ନୀଳଗିରି ଅଞ୍ଚଳର ଜୟନ୍ତ ଦାସ । ଉକ୍ତ ନିଲାମ ବେଳେ ବାଲେଶ୍ୱର ମାଇନିଂ ଅଫିସର ସନ୍ତୋଷୀ ସେଠୀ, ନୀଳଗିରି ତହସିଲଦାର ସୋନମ ଦାସ ଏବଂ ନୀଳଗିରି ପୋଲିସ ଉପସ୍ଥିତ ରହିଥିଲେ ।

## ସଡକ ଦୁର୍ଘଟଣାରେ ଯୁବକ ଆହତ

ବସ୍ତା,୩।୧(ନିପ୍ର):୬୦ ନମ୍ବର ଜାତୀୟ ରାଜପଥର ମଥାନୀ ନିକଟରେ ଆଜି ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବସ୍ତା ଥାନା ଅଧୀନ ସାନଖୁଡୀ ଗାଁର ଶ୍ରୀକାନ୍ତ ପରିଡ଼ା ରାସ୍ତା ପାରି ହେଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଶ୍ରୀ ପରିଡାଙ୍କୁ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ସରକାରୀ ଜାଗା ଯୋଗାଇବା ପାଇଁ ଅନୁରୋଧ କଲେ ସମାଜସେବୀ ବିକାଶ ଚନ୍ଦ୍ର ସେଠୀ

ବେତନଟୀ , ୩/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଠାରେ ଚାଲିଥିବା ୟଙ୍ଗମ୍ୟାନ ଏସୋସିଏସନ ଦ୍ୱାରା ପରିବେଶିତ ଧମାକା ପ୍ରୋଗ୍ରାମରେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜ ସେଠୀ ମଞ୍ଚରେ ମଞ୍ଚାସୀନ ହୋଇ ଉପସ୍ଥିତ ବଡସାହି ବିଧାୟକ ସନାତନ ବିଜୁଳିଙ୍କୁ ବେତନଟୀବାସୀଙ୍କ ମଙ୍ଗଳ କାମନା କରି ଗୋଟିଏ ସରକାରୀ ଜାଗା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି ।ଯେଉଁ ଜାଗାରେ କି ବେତନଟୀ ଅଞ୍ଚଳରେ ସମୟ ସମୟରେ ଆୟୋଜିତ ହେଉଥିବା ବିଭିନ୍ନ ସାଂସ୍କୃତିକ, ସାମାଜିକ ଏବଂ ବିଭିନ୍ନ ଖେଳ ପ୍ରଦର୍ଶନ କରିହେବ ।କାରଣ ବେତନଟୀ ଠାରେ ଯାହାବି ସମାରୋହ ହେଉଛି ତାହା କୌଣସି ଲୋକଙ୍କର ନିଜସ୍ୱ ଜଗାରେ ଅନୁଷ୍ଠିତ ହେଉଛି ।ଯାହାଫଳରେ କି ଏହି ସବୁ କାର୍ଯ୍ୟକ୍ରମ କୁ ଆୟୋଜନ କରୁଥିବା ଲୋକ କିମ୍ବା ଅନୁଷ୍ଠାନ କୁ ଭାରି ରକମର ଅର୍ଥ ଦେବାକୁ ପଡୁଛି । ତେଣୁ ଏହା ଏକ ଆଲୋଚ୍ୟର ବିଷୟ ।ଯଦି ବେତନଟୀରେ କିଛି ସରକାରୀ ଜାଗା ଥାଆନ୍ତା ତାହାଲେ ଏ ଭାରି ରକମର ଅର୍ଥ ଆଉ ଦେବାକୁ ପଡିବ ନଥାନ୍ତା ।ସେ ଅପେରା ହେଉ, କି ମୀନାବଜାର ହେଉ,କି ସେ ଧମାକା ପ୍ରୋଗ୍ରାମ ହେଉ । ତେଣୁ ଏ ବାବଦରେ ଓଡିଶା ସରକାରଙ୍କୁ ଦୃଷ୍ଟିପାତ କରିବା ପାଇଁ ମାନ୍ୟବର ବଡସାହି ବିଧାୟକ ଙ୍କ ଜରିଆରେ ସମାଜ ସେବୀ ବିକାଶ ଚନ୍ଦ୍ର ସେଠୀ ଅନୁରୋଧ ଜଣାଇଛନ୍ତି ବୋଲି ବେତନଟୀ ବାସୀ ଖୁସି ବ୍ୟକ୍ତ କରିଛନ୍ତି ।ଆହୁରି ମଧ୍ୟ ଶ୍ରୀଯୁକ୍ତ ସେଠୀ ୱାଇ ଏମ ଏ ସଙ୍ଗଠନ ର ସମସ୍ତ ସଦସ୍ୟ ଙ୍କୁ କହିଛନ୍ତି କି ଆପଣଙ୍କ ପ୍ରତ୍ୟେକ ପ୍ରୋଗ୍ରାମ ରେ ଯେତିକି ଟଙ୍କା ଖର୍ଚ୍ଚ ହେଉଛି ସେଥିରେ କିଛି କମ ଖର୍ଚ୍ଚ କରି ଅବଶିଷ୍ଟ ଟଙ୍କାରେ ଟେଣ୍ଟ ସରଞ୍ଜାମ,ସାଉଣ୍ଡ ସରଞ୍ଜାମ ଇତ୍ୟାଦି କିଣିଲେ ବହୁତ କମ ଖର୍ଚ୍ଚ ରେ ସମସ୍ତ କାର୍ଯ୍ୟକ୍ରମ ହୋଇ ପାରନ୍ତା ଏବଂ ଅବଶିଷ୍ଟ ଟଙ୍କାରେ କିଛି ଗରିବ ଲୋକଙ୍କ ସେବା କରି ସମାଜର କଲ୍ୟାଣ କରିପାରନ୍ତ ।



## ଶାଳଗାଁ ଉଚ୍ଚ ବିଦ୍ୟାଳୟ ପାଣି ପଞ୍ଚାୟତ ପ୍ରତିଯୋଗିତାର କୃତିତ୍ୱ



ବଡ଼ସାହି , ୩/୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁ ନବମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ବେହେରା ପାଣି ପଞ୍ଚାୟତର ବକ୍ତୃତା ପ୍ରତିଯୋଗୀତାରେ ବେତନଟୀ ଡିଭିଜନର ପ୍ରଥମ ସ୍ଥାନ ଅଧିକାର କରି ମାନପତ୍ର ସହ ( ଦୁଇ ହଜାର ଟଙ୍କା ) ଓ ଜିଲ୍ଲା ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ଉତ୍ତର ବିଶ୍ୱ ବିଦ୍ୟାଳୟ ସଭା ପ୍ରକୋଷ୍ଠରେ ମୁଖ୍ୟ ଅତିଥି ନବ ଚରଣ ମାଝି ( ମୟୂରଭଞ୍ଜ ଜିଲ୍ଲା ସାଂସଦ , ସଭାପତି - ହେମକାନ୍ତ ସଏ (ଜିଲ୍ଲାପାଳ) ମୁଖ୍ୟଯନ୍ତୀ ରମାକାନ୍ତ ମହାପାତ୍ର (ପାଣି ପଞ୍ଚାୟତ) ଓ ଅନ୍ୟଅତିଥିଙ୍କ ଉପସ୍ଥିତିରେ ମାନପତ୍ର ସହିତ ଏକ ହଜାର ପାଞ୍ଚଶହ ଟଙ୍କା) ପାଇ ବିଦ୍ୟାଳୟ ତଥା ବଡ଼ସାହି ବ୍ଲକ ପାଇଁ ଗୌରବ ଅର୍ଜନ କରିଛନ୍ତି , ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ତଥା ଅନ୍ୟ ଶିକ୍ଷକ ମାନଙ୍କୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଛନ୍ତି ।

## ଭାରତୀୟ ଖୋ ଖୋ ଟିମ୍‌ର ପ୍ରାୟୋଜକ ହେବ ଓଡ଼ିଶା

ଭୁବନେଶ୍ୱର, ୩/୧(ନି.ପ୍ର) : ଦେଶର 'ଖୋ ଖୋ' ଖେଳ ପାଇଁ ଆସିଛି ଏକ ସୁବର୍ଣ୍ଣ ସମୟ । ଓଡିଶା ସରକାର ଏହି ଖେଳକୁ ଯୋଗାଇ ଦେବେ ଆର୍ଥିକ ପ୍ରୋତ୍ସାହନ । ପୂର୍ବରୁ ଜାତୀୟ ହକି ଖେଳକୁ ଓଡିଶା ସ୍ପନସର୍ କରୁଥିବାବେଳେ, ଏବେ 'ଖୋ ଖୋ' ଖେଳକୁ ମଧ୍ୟ ପ୍ରୋତ୍ସାହନ ଦେବାକୁ ଆଗେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଜାତୀୟ 'ଖୋ ଖୋ' ଟିମକୁ ଆଗାମୀ ୩ ବର୍ଷ ପାଇଁ ସ୍ପନସର କରିବେ । ଏହି ସ୍ପନସରଶିପର ଅବଧି ୨୦୨୫ ଜାନୁଆରୀରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ରହିବ । ଏଥିପାଇଁ ବର୍ଷକୁ ୫ କୋଟି ଟଙ୍କା ଲେଖାଏଁ ୩ ବର୍ଷରେ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ଓଡିଶା ଖଣି ନିଗମ ପକ୍ଷରୁ ଏହି ଅର୍ଥ ପ୍ରଦାନ କରାଯିବ । ଏହାଦ୍ୱାରା ଭାରତୀୟ 'ଖୋ ଖୋ' ଖେଳାଳୀ ପ୍ରୋତ୍ସାହନ ପାଇବା ସହିତ ଓଡିଶା ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳରେ ବ୍ରାଣ୍ଡିଂ ଜରିଆରେ ବିଶ୍ୱସ୍ତରରେ ରାଜ୍ୟର ଛବିକୁ ଉଜ୍ଜଳ କରିପାରିବ ବୋଲି ଆଶା କରାଯାଇଛି ।




## ବିଭିନ୍ନ ସରକାରୀ ବିଭାଗ ପାଇଁ ପ୍ରତିନିଧି ମନୋନୀତ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୩/୧ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଦର ନିର୍ବାଚନମଣ୍ଡଳୀ ପାଇଁ ପ୍ରତିନିଧି ମନୋନୀତ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ସମବାୟ ସମିତିଙ୍କ ଜିଲ୍ଲା ନିବନ୍ଧକ (ଡିଆରସିଏସ) କାର୍ଯ୍ୟାଳୟରେ ପ୍ରତିନିଧି ଭାବେ ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ପଂଚାୟତର ସର୍ବେଶ୍ୱର ମହାନ୍ତି ଓ ସହ ନିବନ୍ଧକଙ୍କ କାର୍ଯ୍ୟାଳୟ ପାଇଁ ବାଲେଶ୍ୱର ସହର ରାଣୀପାଟଣାର ଶ୍ରୀହରି ଶୁକ୍ଳାଙ୍କୁ ପ୍ରତିନିଧି ଭାବେ ମନୋନୀତ କରାଯାଇଛି । ସେହିପରି ଓଡିଶା କୃଷି ଶିଳ୍ପ ନିଗମ ଏବଂ ଓଡିଶା ଉଠା ଜଳସେଚନ ନିଗମରେ ବିଧାୟକଙ୍କ ପ୍ରତିନିଧିତ୍ୱ କରିବା ପାଇଁ ସଦର ବ୍ଲକ ଅନ୍ତର୍ଗତ ଓଲନ୍ଦାସାରଗାଁ ପଂଚାୟତର ପିତାମ୍ବର ଭୂୟାଁ ମନୋନୀତ ହୋଇଛନ୍ତି । ଜିଲ୍ଲା ସାଧାରଣ ଯୋଗାଣ ବିଭାଗରେ ସଦର ବ୍ଲକ ଅଧିନ କସିପଦା ପଂଚାୟତର ସୁଭେଶ ନାୟକ ବିଧାୟକଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ଚୟନ ହୋଇଛନ୍ତି । ଅନୁରୂପ ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ (ପିଏଚଇଡି)ରେ ବିଧାୟକଙ୍କ ପ୍ରତିନିଧି ଭାବେ ବାଲେଶ୍ୱର ସହରର ସହଦେବଖୁଂଟା ଅଂଚଳର ରାଜେନ୍ଦ୍ର ଚାଟାର୍ଜୀଙ୍କୁ ମନୋନୀତ କରାଯାଇଛି । ସଦର ବ୍ଲକ ଅନ୍ତର୍ଗତ ବୁଆଁଳ ପଂଚାୟତର ଶ୍ରୀକାନ୍ତ ମହାପାତ୍ର ବାଲେଶ୍ୱର ସଦର ତହସିଲଦାରଙ୍କ କାର୍ଯ୍ୟାଳୟରେ ବିଧାୟକଙ୍କୁ ପ୍ରତିନିଧିତ୍ୱ କରିବେ । ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ନଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା ବିଧାୟକଙ୍କୁ ପ୍ରତିନିଧିତ୍ୱ କରିବେ । ଜିଲ୍ଲା କୃଷି ବିଭାଗରେ ସଦର ବ୍ଲକ ଅଧିନ ବୁଆଁଳ ପଂଚାୟତର ରବିନାରାୟଣ ମହାପାତ୍ର ବିଧାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି । ସେହିପରି ଜିଲ୍ଲା ମତ୍ସ୍ୟ ବିଭାଗରେ ସଦର ବ୍ଲକ ଅନ୍ତର୍ଗତ ଗୋପିନାଥପୁର ପଂଚାୟତର କାର୍ତ୍ତିକ ସାହୁ ବିଧାୟକଙ୍କୁ ପ୍ରତିନିଧିତ୍ୱ କରିବେ । ବାଲେଶ୍ୱର ସହରର ଦେୱାନପାଟଣା ଅଂଚଳର ସନ୍ତୋଷ ବାରିକ ଜିଲ୍ଲା ଶ୍ରମ ବିଭାଗରେ ବିଧାୟକଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ନିର୍ବାହ କରିବେ । ଜିଲ୍ଲା ଶିକ୍ଷା ବିଭାଗ ପାଇଁ ସଦର ବ୍ଲକ ଅଧିନ ପଂଚୁପଡା ପଂଚାୟତର ପ୍ରହଲ୍ଲାଦ ବେହେରା ଓ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବାଲେଶ୍ୱର ସହରର ମଠସାହି ଅଂଚଳର ବିକାଶ କୁମାର ପାଢୀ ବିଧାୟକଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି । ଏ ସମ୍ପର୍କରେ ବିଧାୟକ ଶ୍ରୀ ଦତ୍ତ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ମନୋନୀତ ପ୍ରତିନିଧିଙ୍କ ବାବଦରେ ସୂଚିତ କରିଛନ୍ତି । ବିଧାୟକଙ୍କ ଅନୁପସ୍ଥିତିରେ ମନୋନୀତ ବ୍ୟକ୍ତିମାନେ ସମ୍ ୍ୃକ୍ତ ବିଭାଗର ବୈଠକରେ ଉପସ୍ଥିତ ରହିବା ସହ ବିଭାଗୀୟ କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରିବେ । ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବିଭାଗ ଦ୍ୱାରା ସମ୍ପାଦିତ ହେଉଥିବା ବିକାଶମୂଳକ ତଥା ଲୋକଭିମୁଖୀ ଯୋଜନା କାର୍ଯ୍ୟକାରିତାରେ ସେମାନେ ଦାୟିତ୍ୱ ନିର୍ବାହ କରିବେ । ଏହା ସହିତ ଜନସାଧାରଣଙ୍କ ସମସ୍ୟା ସମାଧାନରେ ମନୋନୀତ ପ୍ରତିନିଧିମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଭାରତୀୟ ମାର୍କ୍ସବାଦୀ କମ୍ୟୁନିଷ୍ଟ ନୀଳଗିରି ଆଂଚଳିକ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଓ ବନ୍ଧୁମିଳନ

ନୀଳଗିରି, ୩/୧ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ( ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ତରଫରୁ ଶୁକ୍ରବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ନୀଳଗିରି ପାର୍ଟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ କୁମାର ପାତ୍ର ସମସ୍ତ ସଭ୍ୟଙ୍କୁ ନବବର୍ଷରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଆଗାମୀଦିନରେ ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସରକାର ଧାନମଣ୍ଡି ଖୋଲିଥିଲେ ମଧ୍ୟ ବର୍ତ୍ତମାନସୁଦ୍ଧା ଚାଷୀଙ୍କଠାରୁ ଧାନକ୍ରୟ କରିନାହାଁନ୍ତି । ତେଣୁ ଦଳତରଫରୁ ଆସନ୍ତା ୧୦ ତାରିଖ ରାସ୍ତାରୋକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।ଏତଦ୍ ଭିନ୍ନ ଲକ୍ଷ୍ମୀସାଗର ପୋଖରୀର ପୁନଃରୁଦ୍ଧାର ପାଇଁ ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣନକରନ୍ତି ,ତେବେ ଦଳତରଫରୁ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ । ନୀଳଗିରିର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ସେଥିପାଇଁ ଦଳତରଫରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୁବ ନେତା ଗଙ୍ଗାଧର ମହାନ୍ତି, ହେମେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida